## ସଂକ୍ଷେପରେ

### ଶିକ୍ଷା ବିକାଶ ସମିତି ବୈଠକ ଉଦ୍‌ଯାପିତ

**ଜଗତ୍‌ସିଂହପୁର ଅଫିସ,୨୯।୭:** ସ୍ଥାନୀୟ ବଡ଼ ବଜାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଶିକ୍ଷା ବିକାଶ ସମିତି ପକ୍ଷରୁ ଆୟୋଜିତ ପୂର୍ବ ସମ୍ଭାଗର ତ୍ରିଦିବସୀୟ ପ୍ରଧାନଆଚାର୍ଯ୍ୟ ଓ ସମ୍ପାଦକଙ୍କ ବୈଠକ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ବିଶେଷକରି ବିଦ୍ୟାଭାରତୀ ଏବଂ ଶିକ୍ଷା ବିକାଶ ସମିତି ଦ୍ୱାରା ଗ୍ରହଣ କରାଯାଇଥିବା ବିଭିନ୍ନ ମାର୍ଗଦର୍ଶନ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏଥିସହ କର୍ତ୍ତବ୍ୟବୋଧ, ଶିଶୁ ମନ୍ଦିରର ସୁପରିଚାଳନା ଆଦି ନିମନ୍ତେ ଧାର୍ଯ୍ୟ ନୀତିନିୟମ ଉପରେ ଆଲୋଚନା କରାଯାଇଥିଲା। ଉଦ୍‌ଯାପନ ସମାରୋହରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପୂର୍ବତନ ଛାତ୍ରୀ ତଥା କିଶୋରନଗର ଅତିରିକ୍ତ ତହସିଲଦାର କୃଷ୍ଣାକାନ୍ତା ସାହୁ ଯୋଗଦେଇ ଅତୀତର ସ୍ମୃତି ଚାରଣ କରିଥିଲେ। ଏହି ବିଦ୍ୟାଳୟରୁ ସେ ପାଇଥିବା ନୈତିକ ଶିକ୍ଷା ତାଙ୍କ ଜୀବନରେ କିପରି ଫଳପ୍ରଦ ହୋଇଛି ସେ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଓଡ଼ିଶା ଶିକ୍ଷା ବିକାଶ ସମିତିର ସଦସ୍ୟା ଡା. ତରୁଲତା ଦେବୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷା ବିକାଶ ସମିତି ପ୍ରାନ୍ତ ସଙ୍ଗଠନ ମନ୍ତ୍ରୀ ରମାକାନ୍ତ ମହନ୍ତ ଉପସ୍ଥିତ ସମ୍ପାଦକ ଓ ପ୍ରଧାନ ଆଚାର୍ଯ୍ୟଙ୍କୁ ବିଦ୍ୟାଳୟର ଗୁଣାତ୍ମକ ଅଭିବୃଦ୍ଧିରେ ସେମାନଙ୍କ ଭୂମିକା ସମ୍ପର୍କରେ ମାର୍ଗଦର୍ଶନ କରିଥିଲେ। ସମିତିର ପ୍ରାନ୍ତ ନିରୀକ୍ଷକ ପ୍ରସନ୍ନ କୁମାର ବିଶ୍ୱାଳ ବିଦ୍ୟାଳୟର ସୁପରିଚାଳନା ଓ କର୍ତ୍ତବ୍ୟବୋଧ ଉପରେ ଆଲୋଚନା କରିଥିଲେ। ସମିତିର ସଂଯୋଜକ ତୁଷାର ରଞ୍ଜନ ଦାସ ଓ ଅନ୍ୟ କାର୍ଯ୍ୟକର୍ତ୍ତାମାନେ ସହଯୋଗ କରିଥିଲେ। ବଡବଜାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିଚାଳନା ସମିତି ସମ୍ପାଦକ ମଳୟ କୁମାର ଲେଙ୍କା ଧନ୍ୟବାଦ ଦେଇଥିଲେ। ସୂଚନାଯୋଗ୍ୟ, ଗତ ୨୬ ତାରିଖରୁ ଆରମ୍ଭ ହୋଇଥିବା ଏହି ବୈଠକରେ ଖୋର୍ଦ୍ଧା, ନୟାଗଡ଼, ପୁରୀ ଏବଂ ଜଗତ୍‌ସିଂହପୁର ଜିଲାରେ ଥିବା ୧୩୭ ଶିଶୁ ମନ୍ଦିରର ପ୍ରାୟ ୨,୦୦୦ ସମ୍ପାଦକ ଓ ପ୍ରଧାନ ଆଚାର୍ଯ୍ୟ ଅଂଶଗ୍ରହଣ କରିଥିଲେ।

### ବିଦ୍ୟାଳୟରେ କାର୍ଗିଲ ବିଜୟ ଦିବସ

**ବାଲିକୁଦା,୨୯।୭(ସ୍ୱ.ପ୍ର.):** କୃଷ୍ଣଦାସପୁର ପଞ୍ଚାୟତ ଦେବହତାଠାରେ ଭାରତୀୟ ଶିକ୍ଷା ବିକାଶ ସମିତି ଦ୍ୱାରା ପରିଚାଳିତ ସରସ୍ୱତୀ ଶିଶୁ ମନ୍ଦିରରେ ବନ ମହୋତ୍ସବ ଓ କାର୍ଗିଲ ବିଜୟ ଉତ୍ସବ ପାଳିତ ହୋଇଛି। ଏହି ଅବସରରେ ବିଦ୍ୟାଳୟ ମୁଖ୍ୟ ସତ୍ୟବ୍ରତ ରଥଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟ ପରିସରରେ ବିଭିନ୍ନ ଚାରା ରୋପଣ କରାଯାଇଥିଲା। ବିଶେଷ କରି ତୁଳସୀ ଗଛର ଏକ ସୁନ୍ଦର ବଗିଚା ସୃଷ୍ଟି କରିବାକୁ ଲକ୍ଷ୍ୟ ରଖାଯାଇଛି। ପରେ ଏକ ସଭା କରାଯାଇଥିଲା। ଏଥିରେ ପରିଚାଳନା ପରିଷଦ ସଭାପତି ହାଡିବନ୍ଧୁ ଦଳାଇ ସଭାପତିତ୍ୱ କରିଥିଲେ। ସମ୍ପାଦକ ଶିକ୍ଷାବିତ୍ ନିରଞ୍ଜନ ପଣ୍ଡା, କୋଷାଧ୍ୟକ୍ଷ ଶିକ୍ଷାବିତ୍ ପଦ୍ମନାଭ ସ୍ୱାଇଁ, ଯୁଗ୍ମ ସମ୍ପାଦକ ସୁବାସ ନନ୍ଦ, ଉପ-ସଭାପତି ଶିବ ପ୍ରସାଦ ରାଉତରାୟ, ପ୍ରଧାନ ଆଚାର୍ଯ୍ୟ, ଦିଲୀପ ପରିଡା, ଗୁରୁ ମା’ ପୁଷ୍ପିତା ନାୟକ ପ୍ରମୁଖ ଯୋଗଦେଇ ପରିବେଶ ପାଇଁ ବୃକ୍ଷର ଆବଶ୍ୟକତା ସମ୍ପର୍କରେ କହିଥିଲେ। ପ୍ରତ୍ୟେକ ପିଲା ସେମାନଙ୍କ ଜନ୍ମ ତିଥିରେ ନିଜ ବାଡି ବଗିଚାରେ ଗୋଟିଏ ଲେଖା ଚାରା ଲଗାଇବାକୁ ପରାମର୍ଶ ଦେଇଥିଲେ। ଗୁରୁମା ସୁଭଦ୍ରା ଦାସ, ରଞ୍ଜିତା ଖୁଣ୍ଟିଆ, ବିଜୟଲକ୍ଷ୍ମୀ ମହାପାତ୍ର, ପ୍ରିୟମ୍ବଦା ନନ୍ଦ, ବୈଜୟନ୍ତୀ ସାହୁ, ଲତିକା ଓଝା, ସୁଜୟା ନାୟକ, ପ୍ରିୟଙ୍କା ବାରିକ, ଲକ୍ଷ୍ମୀପ୍ରିୟା ସ୍ୱାଇଁ, ସୁପ୍ରିୟା ନାୟକ, ଜ୍ୟୋତିର୍ମୟୀ ରାଉତ, ଶୁଭଲକ୍ଷ୍ମୀ ସାହୁ, ସୁଚିସ୍ମିତା ସ୍ୱାଇଁ, ଗୁରୁଜୀ ବିଶ୍ୱଜିତ୍ ରାୟ, ଦୀପ୍ତିରଞ୍ଜନ ନାୟକ ପ୍ରମୁଖ ଯୋଗଦେଇ କାର୍ଗିଲ ବିଜୟ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ କହିଥିଲେ।

### ଧ୍ୟାନଚନ୍ଦ୍ର ମହାବିଦ୍ୟାଳୟରେ ସ୍ୱାଗତ ଉତ୍ସବ

**ବାଲିଆ,୨୯।୭:** ବିରିଡ଼ି ବ୍ଲକ ହାଜିପୁରସ୍ଥିତ ଧ୍ୟାନଚନ୍ଦ୍ର ମହାବିଦ୍ୟାଳୟରେ ଯୁକ୍ତ ୨ ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କ ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଦେବ କଲ୍ୟାଣ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବକୁ ଅଧ୍ୟାପକ ମହମ୍ମଦ ଅରସଦ ରାଜା ପରିଚାଳନା କରିଥିଲେ। ଓଡ଼ିଆ ବିଭାଗ ଅଧ୍ୟାପକ ପ୍ରମୋଦ କୁମାର ମିଶ୍ର, ଅର୍ଥନୀତି ବିଭାଗ ଅଧ୍ୟାପକ ଅଲେଖ ଚନ୍ଦ୍ର ବାରିକ, ଇଂଲିଶ ଅଧ୍ୟାପକ ପିତାମ୍ବର ପତି, ରାଜନୀତି ବିଜ୍ଞାନ ଅଧ୍ୟାପକ ଭାସ୍କର ଚନ୍ଦ୍ର ସାହୁଙ୍କ ସମେତ ସୁପ୍ରଭା ଜେନା, ସରୋଜିନୀ ବରାଳ, ଅକ୍ଷୟ କୁମାର ଜେନା ପ୍ରମୁଖ ଉପସ୍ଥିତ ରହି ନୂତନ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରିଥିଲେ।

# ଭଡ଼ାରେ ଲାଗିଛି ପଞ୍ଚାୟତ କାର୍ଯ୍ୟାଳୟ

**ନାଉଗାଁ,୨୯।୭(ସ୍ୱ.ପ୍ର.)**



ଭଡ଼ାରେ ଲାଗିଥିବା ପଞ୍ଚାୟତ ଅଫିସ ଗୃହ।

- ନୋଟିସ ପ୍ରଦାନ ପରେ ବି ଖାଲି ହେଉନି ଗୃହ
- ମାସିକ ୧ ହଜାର ଟଙ୍କାରେ ଲାଗିଛି ଭଡ଼ା

ପଞ୍ଚାୟତ କାର୍ଯ୍ୟାଳୟର ଆଧୁନିକୀକରଣ ପାଇଁ ସରକାର ବିପୁଳ ଅନୁଦାନ ଯୋଗାଇ ଦେଉଛନ୍ତି। କିନ୍ତୁ କେତେକ ଦାୟିତ୍ୱହୀନ ଅଧିକାରୀଙ୍କ ଯୋଗୁ ଏସବୁ ଅନୁଦାନ ଠିକ୍ ଭାବେ ବିନିଯୋଗ ହୋଇପାରୁନାହିଁ। ବିଶେଷ କରି ନାଉଗାଁ ବ୍ଲକରେ ଏଭଳି ଦେଖିବାକୁ ମିଳୁଛି। ପଞ୍ଚାୟତ ପ୍ରତିନିଧି ଓ କାର୍ଯ୍ୟ ନିର୍ବାହୀ ଅଧିକାରୀମାନେ କେଉଁଠି ରାଜୀବ ଗାନ୍ଧୀ ସେବାକେନ୍ଦ୍ରକୁ ଭଡ଼ାରେ ଲଗାଇଛନ୍ତି ତ ଆଉ କେଉଁଠି ପଞ୍ଚାୟତ କାର୍ଯ୍ୟାଳୟ ଗୃହ ଭଡ଼ାରେ ଦେଇଛନ୍ତି। ସୂଚନା ଅନୁଯାୟୀ, କିଛିଦିନ ତଳେ ବାଂଶ ପଞ୍ଚାୟତରେ ରାଜୀବ ଗାନ୍ଧୀ ସେବାକେନ୍ଦ୍ର ଭଡ଼ାରେ ଲାଗିଥିବା ଖବର ପ୍ରକାଶ ପାଇବା ପରେ ବିଡିଓ ରଶ୍ମିରେଖା ମଲ୍ଲିକ ଉକ୍ତ କେନ୍ଦ୍ର ଖାଲି କରି ତାଲା ପକାଇଥିଲେ। ଏବେ ନାଉଗାଁ ପଞ୍ଚାୟତ କାର୍ଯ୍ୟାଳୟ ଓ ଗୋଦାମ ଗୃହ ଭଡ଼ାରେ ଲାଗିଥିବା ଜଣାଯାଇଛି। ନାଉଗାଁ ବଜାରରେ ଏହି କାର୍ଯ୍ୟାଳୟ ଓ ଗୋଦାମ ଗୃହ ରହିଛି। ଦୀର୍ଘଦିନ ହେଲା ସେଠାରେ କାର୍ଯ୍ୟ ଚାଲିଥିଲା। କିନ୍ତୁ ଏହି ପଞ୍ଚାୟତରେ ରାଜୀବ ଗାନ୍ଧୀ ସେବାକେନ୍ଦ୍ର ନିର୍ମାଣ ହେବା ପରେ ସେଠାକୁ କାର୍ଯ୍ୟାଳୟ ସ୍ଥାନାନ୍ତରିତ କରାଯାଇଛି।

୬ ବର୍ଷରୁ ଊର୍ଦ୍ଧ୍ୱ ହେବ ରାଜୀବ ସେବାକେନ୍ଦ୍ରରେ ଉକ୍ତ ପଞ୍ଚାୟତ କାର୍ଯ୍ୟାଳୟ ଚାଲିଛି। ସେବେଠାରୁ ତତ୍କାଳୀନ ପଞ୍ଚାୟତ ନିର୍ବାହୀ ଅଧିକାରୀ ଦେବେନ୍ଦ୍ର ରାୟ ଓ ତତ୍କାଳୀନ ସରପଞ୍ଚ ପ୍ରଭାସିନୀ ବେହେରା ପଞ୍ଚାୟତ ଗୃହ ଓ ଗୋଦାମ ଗୃହ ଭଡ଼ାରେ ଦେଇଛନ୍ତି। ଜଣେ ବ୍ୟକ୍ତି ସେଠାରେ ସିମେଣ୍ଟ ଓ ଲୁହା ରଡ୍ ରଖି ବ୍ୟବସାୟ କରୁଛନ୍ତି। ଭଡ଼ା ସୂତ୍ରରେ ସେ ମାସିକ ୧ ହଜାର ଟଙ୍କା ଦେବାକୁ ଚୁକ୍ତି ହୋଇଥିବା ବର୍ତ୍ତମାନର ପଞ୍ଚାୟତ ନିର୍ବାହୀ ଅଧିକାରୀ ଅମର ମଲିକ ପ୍ରକାଶ କରିଛନ୍ତି। କେବଳ ସେତିକି ନୁହେଁ, ସମ୍ପୃକ୍ତ ବ୍ୟକ୍ତି ଏଠାରେ ସାର ବ୍ୟବସାୟ କରୁଥିବା ଜଣାଯାଇଛି। ନିୟମାନୁସାରେ ସର୍ବସାଧାରଣରେ ନିଲାମ ମାଧ୍ୟମରେ ଉକ୍ତ ଘର ଭଡ଼ାରେ ଦିଆଯାଇପାରିଥାନ୍ତା। କିନ୍ତୁ କିପରି ବିନା ନିଲାମରେ ତାହା ଜଣେ ବ୍ୟକ୍ତିଙ୍କୁ ଭଡ଼ାରେ ଦିଆଗଲା ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେହିପରି ବଜାରରେ ଘର ଭଡ଼ା ଅଧିକ ଥିବାବେଳେ ପଞ୍ଚାୟତ ଏତେ କମ୍ ଟଙ୍କାରେ କିପରି ଭଡ଼ା ଦେଇଛି ତାହା ବୁଝାପଡୁନି। ଅନ୍ୟପକ୍ଷରେ ୧ ହଜାର ଟଙ୍କାରେ ଉକ୍ତ ଗୃହ ଭଡ଼ାରେ ଲାଗିଥିଲେ ମଧ୍ୟ ପଞ୍ଚାୟତ ପ୍ରତିନିଧି ବ୍ୟକ୍ତିଗତ ଭାବେ ଅଧିକ ଟଙ୍କା ନେଉଥିବା ଅଭିଯୋଗ ହେଉଛି। ଘର ଭଡାରେ ଲାଗିଥିବା ଜାଣିବା ପରେ ବିଡିଓ ମଲିକ ଏହି ଘରକୁ ଖାଲି କରିବା ପାଇଁ ୪ ଥର ନୋଟିସ ପ୍ରଦାନ କରିସାରିଛନ୍ତି। କିନ୍ତୁ ସମ୍ପୃକ୍ତ ବ୍ୟକ୍ତି ଘର ଖାଲି କରୁନାହାନ୍ତି। ଗତ ଜୁଲାଇ ୨୬ରେ ଉକ୍ତ ଘର ଖାଲି କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। କିନ୍ତୁ ଅଦ୍ୟାବଧି ଖାଲି ହୋଇନାହିଁ। ଏ ସମ୍ପର୍କରେ ବିଡିଓ ମଲିକଙ୍କୁ ପଚାରିବାରେ ଶୀଘ୍ର ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ଗୋରଖନାଥଙ୍କୁ ଜଳ ଲାଗି କଲେ ୧୫ହଜାର କାଉଡ଼ିଆ


ଗୋରଖନାଥଙ୍କ ପୀଠକୁ ଜଳଲାଗି ପାଇଁ ଆସିଥିବା କାଉଡିଆମାନେ।

**ରଘୁନାଥପୁର,୨୯।୭(ଡି.ଏନ୍.ଏ.)**

**ଶ୍ରାବଣ ଦ୍ୱିତୀୟ ସୋମବାର**

ଶ୍ରାବଣ ଦ୍ୱିତୀୟ ସୋମବାରରେ ରଘୁନାଥପୁରର ବ୍ଲକ ଛପଡ଼ା ପଞ୍ଚାୟତ କେରେକେରାସ୍ଥିତ ପ୍ରସିଦ୍ଧ ବିଭୂତି କ୍ଷେତ୍ର ପ୍ରଭୁ ଗୋରଖନାଥଙ୍କୁ ୧୫ହଜାର କାଉଡିଆ ଜଳଲାଗି କଲେ। ବିଭିନ୍ନ ସ୍ଥାନରୁ ଆସିଥିବା କାଉଡିଆମାନେ ପାଣିଭାର ଆଣି ଦିନକ ପୂର୍ବରୁ ଏଠାରେ ପହଞ୍ଚି ଯାଇଥିଲେ। ଭୋରୁ ପ୍ରଭୁଙ୍କ ମଙ୍ଗଳା ଆଳତି ପର ପାଣିଢଳା ପର୍ବ ଆରମ୍ଭ ହୋଇଥିଲା। ଓଁ ନମଃ ଶିବାୟ ଉଚ୍ଚାରଣରେ ପୀଠ ପରିସର ପ୍ରକମ୍ପିତ ହୋଇ ଉଠିଥିଲା। ଆଖପାଖ ଅଞ୍ଚଳର କାଉଡିଆମାନେ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଜଳଲାଗି କରିଥିଲେ। ଏହି ମଧ୍ୟରେ କାଉଡିଆଙ୍କ ପ୍ରବଳ ଭିଡ଼ ହୋଇଯାଇଥିବା ବେଳେ ନିୟନ୍ତ୍ରଣ ପାଇଁ ପର୍ଯ୍ୟାପ୍ତ ପୋଲିସ ବ୍ୟବସ୍ଥା ନ ଥିବାର ଦେଖାଯାଇଥିଲା। ଫଳରେ କାଉଡିଆମାନଙ୍କ ମଧ୍ୟରେ ଠେଲାପେଲା ହୋଇ ଜଳଲାଗି ପ୍ରତିଯୋଗିତା ଲାଗିଥିଲା। ଅନ୍ୟପକ୍ଷେ ଚଳିତବର୍ଷ ଟ୍ରଷ୍ଟବୋର୍ଡ ପକ୍ଷରୁ ପ୍ରଥମଥର ପାଇଁ ପାଣିଭାର ପିଛା ୧୦ଟଙ୍କା ଲେଖାଁଏ ଆଦାୟ କରାଯାଇଥିଲା। ପ୍ରତ୍ୟେକ ବର୍ଷ ପୀଠ ପରିସରରେ ଭକ୍ତଙ୍କ ପାଇଁ ପାଣିଭାର ରଖିବା ପାଇଁ ବ୍ୟବସ୍ଥା ହୋଇଥାଏ। କିନ୍ତୁ ଏଥର ପୀଠ ବାହାରେ ଏହି ସବୁ ବ୍ୟବସ୍ଥା କରାଯାଇଥିଲା। ମନ୍ଦିର ବାହାରେ ଶୁଖିଲା ଭୋଗ ବିକ୍ରି କରାଯିବାରୁ କାଉଡିଆମାନେ ମଧ୍ୟ ବାହାରେ ଭୋଗ କିଣିବାକୁ ପସନ୍ଦ କରିଥିଲେ। ଫଳରେ ପୀଠ ପରିସରରେ କରୁଥିବା ଦୋକାନୀମାନେ ନିରାଶ ହୋଇଥିଲେ। ପ୍ରତିବର୍ଷ ବାହାରେ ବିକ୍ରି ହେଉଥିବା ଭୋଗ ପ୍ରତି ଟ୍ରଷ୍ଟବୋର୍ଡ ପକ୍ଷରୁ ଅଙ୍କୁଶ ଲଗାଯାଇ ନଥିବାରୁ ଏପରି ବ୍ୟତିକ୍ରମ ହେଉଥିବାର ନିଲାମଧାରୀ ଅଭିଯୋଗ କରିଛନ୍ତି।

### ଶାରଳା ପୀଠରେ ପ୍ରବଚନ ଉଦ୍‌ଯାପିତ

**ତିର୍ତ୍ତୋଲ,୨୯।୭ (ଡି.ଏନ.ଏ.)**

କନକପୁର ଝଙ୍କଡ଼ ଶାରଳାପୀଠରେ ଅନୁଷ୍ଠିତ ସପ୍ତାହବ୍ୟାପୀ ଶ୍ରୀମଦ ଭାଗବତ ପାରାୟଣ ଓ ପ୍ରବଚନ ଉଦ୍‌ଯାପିତ ହୋଇଛି। ଧାରାବାହିକ ପ୍ରବଚକ ତଥା ପ୍ରବକ୍ତା ବାବାଜୀ ସତ୍ୟାନନ୍ଦ ଦାସ ମହାରାଜ ପ୍ରତିଦିନ ଭାଗବତ କଥାମୃତର ମାନବଜୀବନ ଉପରେ ପ୍ରଭାବ ବିଷୟରେ ଦିବ୍ୟପ୍ରବଚନ ପ୍ରଦାନ କରିଥିଲେ। ପୁରୀ ଶ୍ରୀକ୍ଷେତ୍ର ରାଧାବଲ୍ଲଭ ମଠର ମହନ୍ତ ରାମକୃଷ୍ଣ ଦାସ, ତୀର୍ଥ ମଠ ମହନ୍ତ ଜଗନ୍ନାଥ ଦାସ ମହାରାଜ, ବ୍ରହ୍ମଚାରୀ ବୈକୁଣ୍ଠ ବିହାରୀ ଦାସ, ଓଡିଶା ସାଧୁସନ୍ଥ ସମାଜର ସଭାପତି ଚିନ୍ତାମଣୀ ପର୍ବତ ପ୍ରମୁଖ ଯୋଗଦେଇ ଶ୍ରୀମଦ ଭାଗବତର ସାରଗର୍ଭକ ବାଣୀ ପ୍ରଦାନ କରିଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ ଶ୍ରୀମଦ ଭାଗବତ ବର୍ଣ୍ଣିତ ଶ୍ରୀହରି ଲୀଳା ଉପରେ ସ୍ଥାନୀୟ କଳାକାରମାନେ ନୃତ୍ୟ ପରିବେଷଣ କରି ସମବେତ ଭଗବତପ୍ରେମୀଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲେ। ଅମରେଶ ରାଉତରାୟ, କ୍ଷୀରୋଦ ରାଉଳ, ତ୍ରୀଲୋଚନ ରାଉଳ, ବିଶ୍ୱରଞ୍ଜନ ରାଉଳ, ହରେକୃଷ୍ଣ ରାଉଳ, ବିଷ୍ଣୁଚରଣ ସ୍ୱାଇଁ, ପଣ୍ଡିତ ବିଷ୍ଣୁଚରଣ ପାଢୀ, ପଣ୍ଡିତ ଅଭୟ ଦାଶ, ଦେବବ୍ରତ ମହାନ୍ତି, ଅଲେଖ ଚରଣ ନାୟକ, ଦେବୀପ୍ରସାଦ ରାଉଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସାରଳା ସଂସ୍କୃତି ଓ ମହିମା ପ୍ରଚାରକ ରମାକାନ୍ତ ରାଉଳ ଧନ୍ୟବାଦ ଦେଇଥିଲେ।

- ଟ୍ରକ୍ ଟର୍ମିନାଲ ନିର୍ମାଣକୁ ବିରୋଧ

# ମାନବ ଶୃଙ୍ଖଳ କରିବ ଆଞ୍ଚଳିକ ସୁରକ୍ଷା ସମିତି

**କୁଜଙ୍ଗ,୨୯।୭(ସ୍ୱ.ପ୍ର.)**

କୁଜଙ୍ଗବାସୀଙ୍କ ଦୀର୍ଘଦିନର ଦାବିକୁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଅଣଦେଖା କରୁଥିବାବେଳେ ଏବେ ପ୍ରଶାସନ ନାଲି ଆଖି ଦେଖାଇବା ଆରମ୍ଭ କଲାଣି। ଆଞ୍ଚଳିକ ସୁରକ୍ଷା ସମିତି ପକ୍ଷରୁ ଯେଉଁଠି ସୁପର ସ୍ପେଶିଆଲିଟି ହସ୍ପିଟାଲ ପ୍ରତିଷ୍ଠା ପାଇଁ ଦାବି କରାଯାଉଛି ସେଠାରେ ଟ୍ରକ୍ ଟର୍ମିନାଲ ନିର୍ମାଣ କରିବାକୁ ପ୍ରଶାସନ ଚାପ ପ୍ରୟୋଗ କରୁଛି। ଏନେଇ ରବିବାର ସନ୍ଧ୍ୟାରେ ଆଞ୍ଚଳିକ ସୁରକ୍ଷା ସମିତି ପକ୍ଷରୁ ବିଶ୍ୱାଳିସ୍ଥିତ ରାଜୀବ ଗାନ୍ଧୀ ସେବାକେନ୍ଦ୍ରଠାରେ ମୁଖ୍ୟ ଆବାହକ ରଘୁନାଥ ସାହୁଙ୍କ ପୌରୋହିତ୍ୟରେ ଏକ ଆବହକ ମଣ୍ଡଳି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବରିଷ୍ଠ ଆବାହକ ବାବୁରାମ ଚୌଧୁରୀ ଯୋଗଦେଇ କହିଲେ ଯେ, ରାଜ୍ୟ ସରକାର ଭୂତମୁଣ୍ଡାଇରେ ଟ୍ରକ୍ ଟର୍ମିନାଲ କରି ଏହି ଅଞ୍ଚଳର ସମସ୍ୟାକୁ ଦ୍ୱିଗୁଣିତ କରିବାକୁ ଯେଉଁ ଉଦ୍ୟମ ଚଳାଇଛନ୍ତି ତାହାକୁ ବରଦାସ୍ତ କରାଯିବ ନାହିଁ। ସବୁ ବଡ଼ ବନ୍ଦର ସହରରେ ସୁପର ସ୍ପେଶିଆଲିଟି ହସ୍ପିଟାଲ ଥିବାବେଳେ ଦେଶର ୨ୟ ସର୍ବବୃହତ ବନ୍ଦର ପାରାଦୀପରେ ତାହାର ବ୍ୟତିକ୍ରମ ଦେଖାଦେଇଛି। ଆଇଓସିଏଲ, ପିପିଏଲ ଓ ଇଫକୋ ଭଳି ଜାତୀୟସ୍ତରର ଶିଳ୍ପ ସଂସ୍ଥା, ବିଭିନ୍ନ କାରଖାନା ଓ ବନ୍ଦର ପାଇଁ ସ୍ଥାନୀୟ ଅଞ୍ଚଳ ପ୍ରଦୂଷିତ ହେଉଛି। ଏହାର ପ୍ରଭାବରେ ଲୋକେ କର୍କଟ, ହୃଦ୍‌ରୋଗ, ଶ୍ୱାସ ଓ ଚର୍ମ ରୋଗର ଶିକାର ହେଉଛନ୍ତି। ଏହାର ପ୍ରତିକାର ପାଇଁ ସୁପର ସ୍ପେଶିଆଲିଟି ହସ୍ପିଟାଲ କରାଯିବା ଜରୁରୀ। କିନ୍ତୁ ତାହା କରା ନ ଗଲେ ମାନବ ଶୃଙ୍ଖଳ କରାଯାଇ ପ୍ରତିବାଦ ପ୍ରଦର୍ଶନ କରାଯିବ। ଆନ୍ଦୋଳନ ଜୋରଦାର କରିବାକୁ ସଭ୍ୟ ସଞ୍ଜୟ ସ୍ୱାଇଁ ଓ ସଞ୍ଜୟ ବେହେରା ପ୍ରସ୍ତାବ ଦେଇଥିଲେ। ହଜାର ହଜାର ସଂଖ୍ୟାରେ ପୋଷ୍ଟ କାର୍ଡ ଓ ଚିଠି ଉଭୟ କେନ୍ଦ୍ର ଏବଂ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ନିକଟକୁ ପଠାଇବାକୁ ସଭ୍ୟ ପ୍ରକାଶ ତ୍ରିପାଠୀ ମତ ଦେଇଥିଲେ। ପ୍ରମୋଦ କୁମାର ଜେନା ତୋଷାମଦକାରୀ ଠିକାଦାର ଓ କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତିଙ୍କ ଯୋଗୁ ଜିଲା ପ୍ରଶାସନ ପାଖରେ ଭୁଲ ତଥ୍ୟ ପହଞ୍ଚୁଥିବା ଅଭିଯୋଗ କରିଥିଲେ। ବୈଠକରେ ଶ୍ରୀବଲ୍ଲଭ କର, ଅତନୁ ସାମନ୍ତ, ଦେବବାଳା ମହାପାତ୍ର, ଜାନକୀ ମହାରଥା, ଦେବେନ୍ଦ୍ର ମହାନ୍ତି, ମନ୍ଦାକିନୀ ବଳିୟାରସିଂହ, ସାଇଲୋ ସରପଞ୍ଚ ରୋଜାଲିନ୍ ମହାପାତ୍ର, କୋଠି ସମିତିସଭ୍ୟ ଅରକ୍ଷିତ ଦାସ, ସୁବାସ ମହାପାତ୍ର, ଆଲୋକ ବାବୁ, ରଶ୍ମୀରଞ୍ଜନ ସାହୁ, ଭୂତମୁଣ୍ଡାଇ ସରପଞ୍ଚ ଜ୍ୟୋତିର୍ମୟୀ ସ୍ୱାଇଁ, ପୂର୍ବତନ ସରପଞ୍ଚ ଧୀରେନ୍ଦ୍ର ସ୍ୱାଇଁ, ଦୁଷନ୍ତ ମାଝୀ, ରଞ୍ଜିତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ଅଳକା ମହାବିଦ୍ୟାଳୟରେ ପ୍ରବେଶ ଉତ୍ସବ


ଉତ୍ସବରେ ଅଳକା ମହାବିଦ୍ୟାଳୟର ନବାଗତ ଛାତ୍ରୀଛାତ୍ର।

**ବିରିଡ଼ି,୨୯।୭(ଡି.ଏନ.ଏ.)**

ବିରିଡ଼ି ବ୍ଲକ ଅଳକା ମହାବିଦ୍ୟାଳୟରେ ସୋମବାର +୨ ପ୍ରଥମ ବର୍ଷ କଳା, ବାଣିଜ୍ୟ, ବିଜ୍ଞାନ ଓ ଧନ୍ଦାମୂଳକ ଶିକ୍ଷାର ନବାଗତ ଛାତ୍ରୀଛାତ୍ରଙ୍କ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ବନମାଳୀ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ଅଧ୍ୟାପକ ଡ. ପ୍ରଶାନ୍ତ କିଶୋର ପରିଡ଼ା, ଉଦ୍ଭିଦ ବିଜ୍ଞାନ ବିଭାଗ ଅଧ୍ୟାକପ ଅଶୋକ କୁମାର ଲେଙ୍କା, ରସାୟନ ବିଜ୍ଞାନ ମୁଖ୍ୟ ଡ. ଅକ୍ଷୟ କୁମାର ଭଦ୍ର, ବାଣିଜ୍ୟ ବିଭାଗ ଅଧ୍ୟାପିକା ଛନ୍ଦିତା ନାୟକ, ଶିକ୍ଷା ବିଭାଗ ପ୍ରଦର୍ଶକ ସଂଗ୍ରାମ ସିଂ ଦାସ ଯୋଗଦେଇ ନବାଗତ ଛାତ୍ରୀଛାତ୍ରଙ୍କୁ ଉତ୍ତମ ଶିକ୍ଷାଲାଭ ସହ ସୁନାଗରିକ ହେବାକୁ ପ୍ରେରଣା ଦେଇଥିଲେ। ନିୟମିତ ଭାବେ ଶ୍ରେଣୀଗୃହରେ ଉପସ୍ଥିତ ରହିବା ଓ ୭୫ ପ୍ରତିଶତ ଉପସ୍ଥାନ ବାଧ୍ୟତାମୂଳକ ବୋଲି ବୁଝାଇଥିଲେ। ଶତାଧିକ ଛାତ୍ରୀଛାତ୍ର ଯୋଗଦେଇ କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ।

# ରୋଗୀ କଲ୍ୟାଣ ସମିତି ପରିଚାଳନା ପରିଷଦ ବୈଠକ

**ବିରିଡ଼ି,୨୯।୭(ଡି.ଏନ.ଏ.)**

ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଅଡଙ୍ଗଗଡ଼ (ନୂତନ)ର ରୋଗୀ କଲ୍ୟାଣ ସମିତି ପରିଚାଳନା ପରିଷଦର ପ୍ରଥମ ବୈଠକ ସୋମବାର ଅନୁଷ୍ଠିତ ହୋଇଛି। ଜିଲା ପରିଷଦ ସଭ୍ୟ ପ୍ରତାପ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଡା. ପ୍ରାଇମ ପ୍ରିୟରଞ୍ଜନ, ଡା. ଦେବଜାନୀ ପଣ୍ଡା, ତୃପ୍ତିରଞ୍ଜନ ରାୟ, ଫାର୍ମାସିଷ୍ଟ ସୁକାନ୍ତ ବେହେରା, ଜିଲା ଆଶା ପରିଚାଳିକା ଅମିତା ପଣ୍ଡା, ଜିଲା ଗାଁ କଲ୍ୟାଣ ସମିତି ସହକାରୀ ପରିଚାଳିକା ସୁଜାତା ପ୍ରିୟମ୍ବଦା ଦାସ, ପିଏଚଇଓ ଭବାନୀ ଶଙ୍କର ହାଲଦାର, ବିପିଏମ ହରିହର ଚଇନି, ବିଏମ ପ୍ରଦୀପ ସାହୁ, ସ୍ୱାସ୍ଥ୍ୟକର୍ମୀ ଅରୁଣା ମଞ୍ଜରୀ ରାୟ, ଏସଏଚଜି ସଭ୍ୟା ରଶ୍ମୀରେଖା ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଥମେ ୨୦୧୮–୧୯ରେ ଏହି ସ୍ୱାସ୍ଥ୍ୟକେନ୍ଦ୍ର କାୟାକଳ୍ପରେ ଜିଲାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଫାର୍ମାସିଷ୍ଟ ବେହେରା ଜଣାଇଥିଲେ। ତେଣୁ ଜଗତ୍‌ସିଂହପୁର ଜିଲା ଏନଏଚଏମ ପକ୍ଷରୁ ଅଡଙ୍ଗଗଡ଼ ସ୍ୱାସ୍ଥ୍ୟକେନ୍ଦ୍ରକୁ ୨ ଲକ୍ଷ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ସେଥିରେ ୨୦୧୮–୧୯ କାୟାକଳ୍ପ ଫେଲି ଷ୍ଟେଶନ ପାଇଁ ୫ ହଜାର, ଇନ୍‌ସେନ୍‌ଟିଭ ପାଇଁ ୪୫ ହଜାର, ରଙ୍ଗ ପାଇଁ ୧୦ ହଜାର, ସୋଲାର ଇନଭର୍ଟରେ ପାଇଁ ୨୦ ହଜାର, ଆଇଏଲଆର ଇନଭର୍ଟର ପାଇଁ ୪୦ ହଜାର, ସିଲିଂ ଫ୍ୟାନ ଓ ଷ୍ଟାଣ୍ଡ ଫ୍ୟାନ ପାଇଁ ୧୨ ହଜାର, ପ୍ଲାଷ୍ଟିକ ଚେୟାର ପାଇଁ ୮ ହଜାର, ଏସ ଟାଇପ ଚେୟାର ପାଇଁ ୧୨ ହଜାର, କମ୍ପ୍ୟୁଟର ଟେବୁଲ ଓ ଚେୟାର ପାଇଁ ୫ ହଜାର, ଆଲୁମିନିୟମ ଗ୍ଲାସ ସିଲିଂ ଡୋର ଓ ୱିଣ୍ଡୋ ପାଇଁ ୧୩ ହଜାର, ଆପ୍ରୋଚ ରୋଡ ପାଇଁ ୧୦ ହଜାର, ଜଙ୍କ ରୁମ୍ ପାଇଁ ୧୦ ହଜାର ଓ ଷ୍ଟାଫ ଗ୍ୟାରେଜ ପାଇଁ ୧୦ ହଜାର ଟଙ୍କା ବ୍ୟୟ କରାଯିବାକୁ ସ୍ଥିର କରାଯାଇଥିଲା। ସେହିପରି ୨୦୧୯–୨୦ ଆର୍ଥିକ ବର୍ଷରେ ଆସିଥିବା ରୋଗୀ କଲ୍ୟାଣ ସମିତି ପାଇଁ ୫୦ ହଜାର ଟଙ୍କା ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନତି ଓ ବିଭିନ୍ନ ଗଠନମୂଳକ କାର୍ଯ୍ୟରେ ବିନିଯୋଗ କରିବା ପାଇଁ ସର୍ବସମ୍ମତି କ୍ରମେ ପ୍ରସ୍ତାବ ଗୃହୀତ ହୋଇଥିଲା। କାୟାକଳ୍ପରେ ପ୍ରଥମ ସ୍ଥାନ ପାଇଥିବାରୁ ସମସ୍ତ କର୍ମଚାରୀଙ୍କୁ ଜିଲା ପରିଷଦ ସଭ୍ୟ ବେହେରା ସମ୍ବର୍ଦ୍ଧିତ କରିଥିଲେ।


ବୈଠକରେ ପୁରସ୍କାର ସ୍ୱରୂପ ମିଳିଥିବା ଟ୍ରଫିକୁ ପ୍ରଦର୍ଶନ କରାଯାଉଛି।

ଆଜି କ’ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ କିମ୍ବା ନିକଟସ୍ଥ ପ୍ରତିନିଧିଙ୍କ ସହ ଯୋଗାଯୋଗ କରନ୍ତୁ।

- ମିଳୁନି ଆବାସ ଯୋଜନାରେ ଘର

# ପଲିଥିନ ତଳେ ମୂର୍ତ୍ତି କାରିଗରଙ୍କ ପରିବାର

**ନାଉଗାଁ,୨୯।୭(ସ୍ୱ.ପ୍ର.)**


ପରିବାର ଲୋକଙ୍କ ସହ ଚନ୍ଦେଶ୍ୱର।

- କଳାକାର ଭତ୍ତା ମଧ୍ୟ ନାହିଁ
- ବହୁବାର ଆବେଦନ କରି ନିରାଶ

ନାଉଗାଁ ବ୍ଲକ ଜାମୁଗାଁ ପଞ୍ଚାୟତ ରଘୁନାଥପୁର ଗ୍ରାମର ଚନ୍ଦେଶ୍ୱର ଲେଙ୍କା। ଜଣେ ମୂର୍ତ୍ତି କାରିଗର ଭାବେ ସେ ସ୍ଥାନୀୟ ଅଞ୍ଚଳରେ ଜଣାଶୁଣା। ଦୀର୍ଘ ୩୦ବର୍ଷ ହେଲା ସେ ଗଣେଶ ପୂଜା, ସରସ୍ୱତୀ ପୂଜା, ଖୁଦୁରୁକୁଣୀ ଆଦି ବିଭିନ୍ନ ପର୍ବ ପର୍ବାଣୀରେ ମୂର୍ତ୍ତି ଗଢି ଗୁଜୁରାଣ ମେଣ୍ଟାଇ ଆସୁଛନ୍ତି। ଘରେ ତାଙ୍କର ବୃଦ୍ଧା ମା’ କଷି ଦେଇ(୯୩), ସ୍ତ୍ରୀ ଫୁଲଣା ଓ ଦୁଇ ପୁଅ। ଚନ୍ଦେଶ୍ୱର ମୂର୍ତ୍ତି ଗଢି ଯାହା ରୋଜଗାର କରନ୍ତି ସେଥିରେ ୫ ପ୍ରାଣୀ ଚଳିବା କଷ୍ଟକର ହେଉଛି। ସେଥିରେ ପୁଣି ପିଲାମାନଙ୍କ ପାଠପଢା। ଏମିତିରେ ବର୍ତ୍ତମାନ ଅତ୍ୟାଧୁନିକ ଛାଞ୍ଚ ମେଶିନରେ ତିଆରି ମୂର୍ତ୍ତି ମିଳୁଥିବାରୁ ଚନ୍ଦେଶ୍ୱରଙ୍କ ହାତ ତିଆରି ମୂର୍ତ୍ତିର ଚାହିଦା କମିଗଲାଣି। ତେଣୁ ଆଗ ଭଳି ରୋଜଗାର ହେଉନି। ଆର୍ଥିକ ଅନଟନ ମଧ୍ୟରେ ପରିବାର ଚଳୁଥିବାବେଳେ ଘର ଖଣ୍ଡେ କରିବା ସମ୍ଭବ କଷ୍ଟକର। ତେଣୁ ପଲିଥିନ ତଳେ ଜୀବନ ବିତାଉଛନ୍ତି ୫ ପ୍ରାଣୀ। ଗୁରୁତ୍ୱପୂର୍ଣ୍ଣ କଥା ହେଲା ସରକାର କାରିଗର ଓ ଗରିବ ଶ୍ରେଣୀର ଲୋକଙ୍କୁ ବିଭିନ୍ନ ଯୋଜନାରେ ପ୍ରୋତ୍ସାହନ ଯୋଗାଇ ଦେଉଛନ୍ତି। ବିଭିନ୍ନ ପ୍ରକାର ଭତ୍ତା ସହ ଇନ୍ଦିରା ଆବାସ, ବିଜୁ ପକ୍କାଘର ଆଦି ପ୍ରଦାନ କରୁଛନ୍ତି। କିନ୍ତୁ ଚନ୍ଦେଶ୍ୱରଙ୍କ ନିକଟରେ ଏସବୁ ଯୋଜନା ପହଞ୍ଚିପାରିନାହିଁ। କେବଳ ଖାଦ୍ୟ ସୁରକ୍ଷା ଯୋଜନାରେ ତାଙ୍କୁ ସାମିଲ କରାଯାଇଛି। କୌଣସି ରାଜନୈତିକ ଦଳରେ ସାମିଲ ହୋଇ ନ ଥିବାରୁ ଓ ହାତଗୁଞ୍ଜା ଦେଇପାରୁ ନ ଥିବାରୁ ତାଙ୍କୁ ଘର ଖଣ୍ଡେ ମିଳିପାରୁ ନ ଥିବା ଚନ୍ଦେଶ୍ୱର କହିଛନ୍ତି।

ଥିଲାବାଲା ଲୋକ ସରକାରୀ ଯୋଜନାରେ ଘର ପାଉଥିବାବେଳେ ବର୍ଷ ବର୍ଷ ଧରି ପଲିଥିନ ତଳେ ରହି ମଧ୍ୟ ସେ ଏହି ଯୋଜନାରୁ ବଞ୍ଚିତ ହେଉଛନ୍ତି। ଘର ପାଇଁ ସେ ବହୁବାର ଆବେଦନ କରିଥିଲେ ମଧ୍ୟ ତାଙ୍କ କଥା ବିଚାରକୁ ନିଆଯାଉନାହିଁ। ବର୍ତ୍ତମାନ ନୂତନ ହିତାଧିକାରୀଙ୍କୁ ଘର ଦେବା ପାଇଁ ତାଲିକା ଆସିଥିବାବେଳେ ସେଥିରେ ତାଙ୍କ ନାମ ନାହିଁ। ସେହିପରି ଜଣେ କାରିଗର ଭାବେ ନିଜ ବ୍ୟବସାୟ ବଢାଇବାକୁ ତାଙ୍କର ଇଚ୍ଛା ଥିଲେ ମଧ୍ୟ ସେଥିପାଇଁ ପ୍ରୋତ୍ସାହନ ମିଳୁନାହିଁ। କେବଳ ସେତିକି ନୁହେଁ ସରକାରଙ୍କ କଳାକାର ଭାତ୍ତା ପାଇବାରୁ ମଧ୍ୟ ସେ ବଞ୍ଚିତ ହୋଇଛନ୍ତି। ଏ ସମ୍ପର୍କରେ ସରପଞ୍ଚ ଲଲାଟେନ୍ଦୁ ପରିଡାଙ୍କୁ ପଚାରିବାରେ ସେ କହିଲେ ଯେ, ଚନ୍ଦେଶ୍ୱର ଆବେଦନ କରିଥିଲେ। କିନ୍ତୁ ଏହାର ତଦନ୍ତ ବାହାର ଟିମ୍ ଦ୍ୱାରା କରାଯାଉଥିଲା। କ’ଣ ପାଇଁ ତାଙ୍କୁ ବାଦ୍ ଦିଆଗଲା ଜଣାପଡିନାହିଁ। ବିଡିଓ ରଶ୍ମିରେଖା ମଲିକଙ୍କୁ ପଚାରିବାରେ ପଚାରିବାରେ କାହିଁକି କଟିଛି ତଦନ୍ତ ପରେ ଜଣାପଡିବ ବୋଲି କହିଛନ୍ତି।

## ସଂକ୍ଷେପରେ

### ୩ ଚୋରା ବାଇକ୍ ଜବତ, ୨ ଅଟକ



**ରାଜନଗର, ୨୯।୭ (ଡି.ଏନ୍.ଏ.):** ରାଜନଗର ଥାନା ପୋଲିସ ସୋମବାର ୩ ଚୋରା ବାଇକ୍ ଜବତ କରିବା ସହ ୨ ଯୁବକଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ସାନବଡ଼ ଗୋପାଳପୁର ବଜାର ଉପରେ ଥିବା ସନ୍ତୋଷ ଗ୍ୟାରେଜ୍‌ରୁ ଗୋଟିଏ ଧଳାରଙ୍ଗର ଆପାଚି ଓ କଳାରଙ୍ଗର ଜୁପିଟର, ବଡଓଲରା ଗାଁର ଖଗେଶ୍ୱର ପ୍ରଧାନଙ୍କ ଘର ପଛପଟୁ ଏକ ଆପାଚି ଜବତ କରିଛି। ସୋମବାର ପୂର୍ବାହ୍ନ ୧୦ଟାରେ ପୋଲିସ ସନ୍ତୋଷ ଗ୍ୟାରେଜ୍‌ରେ ପହଞ୍ଚିଥିଲା। ସେଠାରେ ଧଳା ଆପାଚି ଖୋଲା ହୋଇ କାମ ହେଉଥିଲା। ଗାଡ଼ି କାମ କରାଉଥିବା ୨ ଯୁବକଙ୍କୁ ପୋଲିସ ପଚରାଉଚୁରା କରିବାରେ ସେମାନଙ୍କ ସାଙ୍ଗ ଉକ୍ତ ଗାଡ଼ିର କାମ କରାଉଥିବା କହିଥିଲେ। ହେଲେ ପରବର୍ତ୍ତୀ ସମୟରେ ଗାଡ଼ି କାମ କରାଉଥିବା ଯୁବକ ଜଣକ ନ ଆସିବାରୁ ପୋଲିସ ସେହି ଯୁବକ ଦ୍ୱୟଙ୍କୁ ଥାନାକୁ ଆଣି ପଚରାଉଚୁକରା କରୁଛି। ସେହିପରି ସେହି ଗ୍ୟାରେଜ ନିକଟରେ ରଖାଯାଇଥିବା ଏକ କଳା ଜୁପିଟର ସ୍କୁଟିକୁ ମଧ୍ୟ ପୋଲିସ ଜବତ କରିଛି। ତେବେ ସନ୍ଧ୍ୟାରେ ଥାନା ଅଧୀନ ବଡ଼ଓଲରା ଗ୍ରାମର ଖଗେଶ୍ୱର ପ୍ରଧାନଙ୍କ ଘର ପଛପଟୁ ଆଉ ଏକ ଗାଡ଼ିକୁ ଜବତ କରିଛି।

### ସଡ଼କ ଦୁର୍ଘଟଣାରେ ଜଣେ ଗୁରୁତର

ଡେରାବିଶ, ୨୯।୭ (ସ୍ୱ.ପ୍ର.): କେନ୍ଦ୍ରାପଡ଼ା ସଦର ଥାନା ତଥା ଚାନ୍ଦୋଳ ଫାଣ୍ଡି ଅଧୀନ କଟକ-ଚାନ୍ଦବାଲି ରାସ୍ତାର ଚାନ୍ଦୋଳ ବଜାରଠାରେ ସୋମବାର ଏକ ଯାତ୍ରୀବାହୀ ବସ୍ ବାଇକ୍‌କୁ ଧକ୍କା ଦେବା ଫଳରେ ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି। ତାଙ୍କୁ କଟକର ଏକ ଘରୋଇ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଛି। ପୂର୍ବାହ୍ନରେ ଦୋହଲାସ୍ଥିତ ବନମାଳୀ ବ୍ରହ୍ମଚାରୀ ଆଦର୍ଶ ଉଚ୍ଚବିଦ୍ୟାଳୟର ଚତୁର୍ଥ ଶ୍ରେଣୀ କର୍ମଚାରୀ ତ୍ରୈଲୋକ୍ୟନାଥ ଦାସ ବାଇକ୍ ଯୋଗେ ଚାନ୍ଦୋଳରୁ ବିଦ୍ୟାଳୟକୁ ଯାଉଥିଲେ। ଏହି ସମୟରେ ଖରିଦାସାହି ଛକ ନିକଟରେ ଡାହାଣ ପଟକୁ ଯିବା ସମୟରେ ପଛରୁ ଆସୁଥିବା ଏକ ଯାତ୍ରୀବାହୀ ବସ୍ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ତାଙ୍କ ଡାହାଣ ଗୋଡ଼ ଭାଙ୍ଗିଯାଇଛଇ। ଗୁରୁତର ଅବସ୍ଥାରେ ତାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିବା ବେଳେ ଉକ୍ତ ବସ୍‌ର ଡ୍ରାଇଭର ଥାନାରେ ଆତ୍ମସମର୍ପଣ କରିଥିବା ଜଣାପଡ଼ିଛି।

### ପାଳଗଦା ଜଳିଗଲା

ମାର୍ଶାଘାଇ, ୨୯।୭ (ଡି.ଏନ୍.ଏ.): ମାର୍ଶାଘାଇ ବ୍ଲକ ମାର୍ଶାଘାଇ ଗ୍ରାମର ସନତ୍ ପ୍ରଧାନଙ୍କ ୨ଟି ପାଳଗଦାରେ ସର୍ଟ ଶର୍କିଟ୍‌ରୁ ନିଆଁଲାଗି ଜଳିଯାଇଛି। ସୋମବାର ଅପରାହ୍ନ ୩ଟା ବେଳେ ସେହି ସ୍ଥାନ ଦେଇ ଯାଇଥିବା ୧୧ କେଭି ତାର ସହ ତାର ଘଷି ହୋଇ ନିଆଁ ବାହାରିବା ସହ ତଳେ ଗଦା ହୋଇପଡ଼ିଥିଲା। ଫଳରେ ଏହି ନିଆଁ ପାଳଗଦାରେ ପଡ଼ି ସମ୍ପୂର୍ଣ୍ଣ ଜଳିଯାଇଥିବା ଜଣପଡ଼ିଛି। ଖବରପାଇ ମାର୍ଶାଘାଇ ଅଗ୍ନିଶମ କେନ୍ଦ୍ରର ୨ଟି ଗାଡ଼ି ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

### ସବୁଜ ବିପ୍ଳବ ପାଇଁ ଜିଲାସ୍ତରୀୟ ବୈଠକ

**କେନ୍ଦ୍ରାପଡା ଅଫିସ, ୨୯।୭:** ପୂର୍ବ ଭାରତରେ ସବୁଜ ବିପ୍ଳବ ଆଣିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ଏକ ଜିଲାସ୍ତରୀୟ ଷ୍ଟିଅରିଂ କମିଟି ବୈଠକ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସମର୍ଥ ବର୍ମାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ନୋଡାଲ ଅଧିକାରୀ ବନ ବିହାରୀ ଦାସ ଯୋଗ ଦେଇ କୃଷି ଓ କୃଷି ଉଦ୍ୟୋଗ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ସେ ସୂଚନା ଦେଇଥିଲେ ଯେ, ଜିଲାର ୭ କୃଷି ଉଦ୍ୟୋଗୀଙ୍କୁ ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ଚାଷ ପାଇଁ ପ୍ରକଳ୍ପ ଯୋଗାଇ ଦିଆଯାଇଛି। ବୈଠକରେ କୃଷି ଉପନିର୍ଦ୍ଦେଶକ ମିତ୍ରୋଦୟ ଦାସ, ବୈଜ୍ଞାନିକ ତାପସରଞ୍ଜନ ସାହୁ, ବ୍ୟାଙ୍କ ପରିଚାଳକ ସୁନିଲ କୁମାର ପୁରୋହିତ, ପଟ୍ଟାମୁଣ୍ଡାଇ ଡିଏଓ ଜୟନାରାୟଣ ମହାପାତ୍ର ଓ ଜଳସେଚନ ନିର୍ବାହୀ ଯନ୍ତ୍ରୀ ପ୍ରବୋଧ କୁମାର ରାଉତ ପ୍ରମୁଖ ଯୋଗ ଦେଇଥିଲେ।

## ■ ହଂସିଣା ପ୍ରାଥମିକ ବିଦ୍ୟାଳୟରେ ତାଲା

# ୨ ଶିକ୍ଷକଙ୍କ ବଦଳି ଦାବିରେ ହଙ୍ଗାମା

**ରାଜନଗର, ୨୯।୭ (ଡି.ଏନ୍.ଏ.)**

ରାଜ୍ୟରେ ପ୍ରାଥମିକ ଶିକ୍ଷାର ଦୁରବସ୍ଥାର ଏକ ନିଛକ ଚିତ୍ର କେନ୍ଦ୍ରାପଡ଼ା ଜିଲାର ରାଜନଗର ବ୍ଲକ ଅଞ୍ଚଳରେ ଦେଖାଯାଇଛି। ରାଜନଗର ବ୍ଲକ କଣ୍ଡିରା ପଞ୍ଚାୟତସ୍ଥିତ ହଂସିଣା ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଦୁଇ ଶିକ୍ଷକଙ୍କ ବଦଳି ଦାବି କରି ସୋମବାର ସ୍କୁଲରେ ତାଲା ପକାଇଛନ୍ତି ଗ୍ରାମବାସୀ। ଏଥିସହ ଗ୍ରାମର ଭାଗବତ ଟୁଙ୍ଗିରେ ଦୁଇ ଯୁବତୀଯୁବକ ପିଲାଙ୍କୁ ପଢ଼ାଉଥିବା ଦେଖିବାକୁ ମିଳିଛି। ଅଭିଭାବକମାନେ ଚାନ୍ଦା କରି ସେମାନଙ୍କୁ ଦରମା ଦେବାକୁ ସ୍ଥିର କରିଛନ୍ତି।

ଉକ୍ତ ବିଦ୍ୟାଳୟରେ କାର୍ଯ୍ୟରତ ୨ ଶିକ୍ଷକଙ୍କ ମନମୁଖି କାର୍ଯ୍ୟ ଯୋଗୁ ଗ୍ରାମବାସୀ ଓ ଅଭିଭାବକ ସେମାନଙ୍କ ବଦଳି ଦାବି କରିଥିଲେ। ମାସକ ମଧ୍ୟରେ ଏ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନେଇ ପ୍ରତିଶ୍ରୁତି ମିଳିଥିଲେ ହେଁ ଏହା କାର୍ଯ୍ୟକାରୀ କରାଯାଇନାହିଁ। ଫଳରେ ସୋମବାର ଗ୍ରାମବାସୀ ସ୍କୁଲରେ ତାଲା ପକାଇ ଦେଇଛନ୍ତି। ସ୍କୁଲରେ ପାଠପଢ଼ା ହେଉ ନଥିବା ଓ ୨ ଶିକ୍ଷକ ପାଳି କରି ସ୍କୁଲକୁ ଆସୁଥିବାରୁ ସ୍କୁଲରେ ତାଲା ପକାଯାଇଥିବା ଗ୍ରାମବାସୀ କହିଛନ୍ତି। ନୂତନ ଶିକ୍ଷକ ନିଯୁକ୍ତ ନହେବା ଯାଏ ଅଭିଭାବକମାନେ ପିଲାମାନଙ୍କୁ ସ୍କୁଲକୁ ଛାଡ଼ିବେ ନାହିଁ ବୋଲି ଅଭିଭାବକମାନେ କହିଛନ୍ତି। ତେବେ ପାଠପଢ଼ା ବ୍ୟାହତ ନ ହେବା ପାଇଁ ନିକଟସ୍ଥ ଭାଗବତ ଟୁଙ୍ଗିରେ ଗ୍ରାମର ପ୍ରଦୀପ ବେହେରା ଓ ଗୀତାରାଣୀ ବେହେରା ପିଲାମାନଙ୍କୁ ପଢ଼ାଉଥିବା ଦେଖାଯାଇଛି। ତେବେ ଗ୍ରାମବାସୀ ଚାନ୍ଦା ଆଦାୟ କରି ପ୍ରଦୀପ ଓ ଗୀତାରାଣୀଙ୍କୁ ଦରମା ଦେବେ ବୋଲି ଜଣାପଡ଼ିଛି।

ଏ ନେଇ ଗ୍ରାମବାସୀ କୁହନ୍ତି, ଉକ୍ତ ବିଦ୍ୟାଳୟର ୧ମରୁ ୫ମ ମଧ୍ୟରେ ୨୮ଜଣ ଛାତ୍ରୀଛାତ୍ରୀଙ୍କ ପାଇଁ ରବୀନ୍ଦ୍ର ନାଥ ପ୍ରଧାନ ଓ ଉର୍ମୀଳା ମିଶ୍ରଙ୍କୁ ନିଯୁକ୍ତି ଦିଆଯାଇଛି। ଦୁଇ ଜଣ ଯାକ ପାଳି କରି ଦିନେ ଦିନେ ସ୍କୁଲକୁ ଆସୁଥିବା ବେଳେ ସ୍କୁଲରେ ଦିନେ ହେଲେ ପିଲାଙ୍କୁ ପାଠପଢ଼ାନ୍ତି ନାହିଁ। ଏଥିଯୋଗୁ କେତେଜଣ ପିଲାଙ୍କୁ ମା'ବାପା ବନ୍ଧୁବାନ୍ଧବଙ୍କ ଘରେ ରଖି ପଢ଼ାଉଥିବା ବେଳେ ଅନ କେତେଜଣଙ୍କୁ ବେସରକାରୀ ସ୍କୁଲରେ ଆଡମିଶନ କରାଇଛନ୍ତି। ଏ ନେଇ ଦୀର୍ଘଦିନ ଧରି ଅଭିଯୋଗ ହେଉଥିବା ବେଳେ ଶିକ୍ଷକଦ୍ୱୟଙ୍କର ବଦଳି ଦାବି ହୋଇଆସୁଛି। ଏ ନେଇ ଗତ ୧୫ ଦିନ ତଳେ ବି ସ୍କୁଲରେ ତାଲା ପକାଯାଇଥିଲା। ନିର୍ବାଚନ ଆଚରଣ ବିଧି ହଟିବା ପରେ ଉଭୟଙ୍କ ବଦଳି କରାଯିବ ବୋଲି ବିଇଓ ରାଜକିଶୋର ସ୍ୱାଇଁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ଏ ଯାଏଁ ଉକ୍ତ ସ୍କୁଲର ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କ ବଦଳି କରାଯାଇନାହିଁ। ଏ ନେଇ ଶନିବାର ଗ୍ରାମର ମା'ବୁଢ଼ୀ ଜାଗୁଳାଇଙ୍କ ପୀଠରେ ଗ୍ରାମବାସୀ ଓ ଅଭିଭାବକଙ୍କ ବୈଠକ ବସିଥିଲା। ନୂତନ ଶିକ୍ଷକ ନିଯୁକ୍ତି ନ ପାଇବା ପର୍ଯ୍ୟନ୍ତ ପିଲାଙ୍କୁ ସ୍କୁଲକୁ ଛାଡ଼ା ଯିବନାହିଁ ଏବଂ ଗ୍ରାମର ଦୁଇ ଶିକ୍ଷିତ ଯୁବବତୀଯୁବକ ଗୀତାରାଣୀ ଓ ପ୍ରଦୀପ ଭାଗବତ ଟୁଙ୍ଗିରେ ପିଲାଙ୍କୁ ପାଠ ପଢ଼ାଇବେ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଏଥିସହ ଚାନ୍ଦା ଆଦାୟ କରାଯାଇ ସେମାନଙ୍କୁ ଦରମା ଦିଆଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିବା ଗ୍ରାମବାସୀ କହିଛନ୍ତି। ବୈଠକରେ ଗ୍ରାମର ମୁରବି ଶରତ ଜେନା, ନରହରି ବେହେରା, ସୁକାନ୍ତ ବେହେରା, ସର୍ବେଶ୍ୱର ସ୍ୱାଇଁ, ତ୍ରିଲୋଚନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ତେବେ ଏହି ଘଟଣାରେ ସମଗ୍ର ଜିଲାରେ ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ଏ ସମ୍ପର୍କରେ ବ୍ଲକ ଶିକ୍ଷାଧିକାରୀ ସ୍ୱାଇଁଙ୍କୁ ପଚାରିବାରେ ଏ ନେଇ ପଦକ୍ଷେପ ନିଆଯାଉଥିବା କହିଛନ୍ତି।




■ ପାଳି କରି ସ୍କୁଲକୁ ଆସୁଛନ୍ତି ୨ ଶିକ୍ଷକ
■ ଭାଗବତ ଟୁଙ୍ଗିରେ ପଢ଼ିଲେ ଛାତ୍ରୀଛାତ୍ର

### ଚୋରାମଦ କାରବାର ଅଭିଯୋଗ: ଜଣେ ଗିରଫ

**ରାଜକନିକା, ୨୯।୭ (ଡି.ଏନ୍.ଏ.)**

ରାଜକନିକା ଥାନା ଅନ୍ତର୍ଗତ ବାଙ୍ଗରକୁଆଁ ଗ୍ରାମରେ ପୋଲିସ ପକ୍ଷରୁ ଚଢ଼ାଉ କରାଯାଇ ଚୋରା ମଦ କାରବାର କରୁଥିବା ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେ ହେଲେ ଗ୍ରାମର କୈଳାସ ମାଝି। ତାଙ୍କ ପାଖରୁ ୨ ପେଟି ଦେଶୀ ଓ ବିଦେଶୀ ଚୋରା ମଦ ଜବତ କରାଯାଇଛି।

ଏନେଇ ମାମଲା (ନଂ. ୧୮୪/୧୯)ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ପୋଲିସ କିଛି ଦିନ ରାଜକନିକା ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଚୋରା ମଦ ବେପାରୀଙ୍କ ଉପରେ ନଜର ରଖୁଥିଲା। ରବିବାର ରାତି ୯ଟା ବେଳେ କୈଳାସ ମୋଟରସାଇକେଲରେ ଦେଶୀ ମଦ ନେଇ ରାଜକନିକା ଗାଁରୁ ନିଜ ଗାଁ ବାଙ୍ଗରକୁଆଁକୁ ଯାଉଥିବା ବେଳେ ପୋଲିସ ହାତରେ ଧରାପଡ଼ିଥିଲେ।

## ଆତ୍ମବିଶ୍ୱାସ, ଧୈର୍ଯ୍ୟ ସଫଳତାର ମୂଳମନ୍ତ୍ର




ସ୍ୱାଗତ ସମାରୋହରେ ଅତିଥିମାନେ।

**ମାର୍ଶାଘାଇ, ୨୯।୭ (ଡି.ଏନ୍.ଏ.)**

ଆତ୍ମବିଶ୍ୱାସ ଓ ଧୈର୍ଯ୍ୟ ବଳରେ ଜଣେ ବ୍ୟକ୍ତି ସଫଳତାର ଶୀର୍ଷରେ ପହଞ୍ଚିପାରିବ। ଅଧ୍ୟବସାୟ ହେଉଛି ସଫଳତାର ଅସଲ ଚାବିକାଠି। ଅନୁଧ୍ୟାନ ଓ ଅଧ୍ୟବସାୟ ଆଧାରରେ ଯିଏ କେହି ଅସାଧାରଣ ପ୍ରତିଭାର ଅଧିକାରୀ ହୋଇପାରେ ବୋଲି ମାର୍ଶାଘାଇ କଲେଜରେ ସୋମବାର ଆୟୋଜିତ ଯୁକ୍ତ ୨ ପ୍ରଥମ ବର୍ଷ ଛାତ୍ରଛାତ୍ରୀଙ୍କ ସ୍ୱାଗତ ସମାରୋହରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଅଧ୍ୟକ୍ଷ ଡା. ଅମିୟ କୁମାର ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମାରୋହରେ ସମ୍ମାନିତ ଅତିଥିଭାବେ ଅଧ୍ୟାପକ ଗୋବିନ୍ଦ ଚନ୍ଦ୍ର ବେହେରା, ଦୀପକ କୁମାର ମହାନ୍ତି, ସୁକାନ୍ତ କୁମାର ପ୍ରଧାନ, ଦିଲୀପ କୁମାର ସାହୁ, ସୁରେନ୍ଦ୍ର ନାଥ ପଣ୍ଡା, ଉମେଶ ଚନ୍ଦ୍ର ଦାଶ, ମକରଧ୍ୱଜ ରାଉତ, ଧୀରେନ୍ ଚୌଧୁରୀ, ଅଧ୍ୟାପିକା ଅନୁପମା ଦାସ, ନିରୁପମା ରଥ, ସୁଭଦ୍ରା ଶୁଭଦର୍ଶିନୀ ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜୟ କୁମାର ଜେନା, ଦାମୋଦର ସ୍ୱାଇଁ ନବାଗତ ଛାତ୍ରୀଛାତ୍ରମାନଙ୍କୁ ମହାବିଦ୍ୟାଳୟର ପରିଚୟ ପତ୍ର, ସମୟ ସାରଣୀ ଓ ଉପହାର ପ୍ରଦାନ କରିଥିଲେ। ଶେଷରେ ଅଧ୍ୟାପକ ଶାଶ୍ୱତ ଚନ୍ଦନ ସାମନ୍ତରାୟ ଧନ୍ୟବାଦ ଅର୍ପଣ କରିଥିଲେ।

## ମତ୍ସ୍ୟ ଉତ୍ପାଦକ ମହାସଂଘର ଡିଏଫ୍‌ଓ ଅଫିସ୍ ଘେରାଉ

**ରାଜନଗର, ୨୯।୭ (ଡି.ଏନ୍.ଏ.)**

ଅଖିଳ ଓଡ଼ିଶା ମତ୍ସ୍ୟ ଉତ୍ପାଦକ ମହାସଂଘ ପକ୍ଷରୁ ସୋମବାର ଜଙ୍ଗଲ ବିଭାଗର ମତ୍ସ୍ୟଜୀବୀ ମାରଣନୀତି ବିରୋଧରେ ରାଜନଗର ଡିଏଫ୍‌ଓଙ୍କ କାର୍ଯ୍ୟାଳୟ ଆଗରେ ପ୍ରତିବାଦ ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି ଅବସରରେ ସ୍ଥାନୀୟ ତ୍ରିନାଥବଜାର ନିକଟରୁ ଟ୍ରଲର ମାଲିକ ଓ ମତ୍ସ୍ୟଜୀବୀମାନେ ଶୋଭାଯାତ୍ରାରେ ବାହାରି ବିଭିନ୍ନ ନାରା ଦେଇ ବଜାର ପରିକ୍ରମା କରିଥିଲେ। ଏହାପରେ ସାନବଡ଼ ଗୋପାଳପୁରସ୍ଥିତ ରାଜନଗର ଡିଏଫ୍‌ଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ନିକଟରେ ପହଞ୍ଚିଲେ। କାର୍ଯ୍ୟାଳୟ ଗେଟ ଖୋଲି ଆନ୍ଦୋଳନକାରୀମାନେ ଅଫିସ ପରିସରକୁ ଧସେଇ ପଶି ବିଭିନ୍ନ ନାରାବାଜି କରିଥିଲେ। ଏ ନେଇ ଅଖିଳ ଓଡ଼ିଶା ମତ୍ସ୍ୟ ଉତ୍ପାଦକ ମହାସଂଘର ସାଧାରଣ ସମ୍ପାଦକ ତଥା ପାରାଦୀପ ମତ୍ସ୍ୟଜୀବୀ ସଂଘ ସଭାପତି ସୁମନ୍ତ ବିଶ୍ୱାଳଙ୍କ ପୌରୋହିତ୍ୟରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ସଂଘ ସଭାପତି କାମେଶ୍ୱର ପ୍ରହରାଜ, ବଳରାମଗଡି ଟ୍ରଲର ମାଲିକ ସଂଘ ସଭାପତି ବାଦଲ ଦାସ, କଷାରଫଳ ମତ୍ସ୍ୟଜୀବୀ ସଂଘ ସଭାପତି ଗୋରାଚାନ୍ଦ ଜେନା, ଧାମରା ମତ୍ସ୍ୟଜୀବୀ ସଂଘ ସଭାପତି ଅଶୋକ ଜାନା ପ୍ରମୁଖ ଉପସ୍ଥିତ ଥିଲେ। ସେମାନେ କହିଥିଲେ, ଅଲିଭରିଡ୍‌ଲେ କଇଁଛଙ୍କ ପାଇଁ କଟକଣା ଲାଗୁ କରାଯାଉଥିବା ବେଳେ ବନ ବିଭାଗ ମତ୍ସ୍ୟଜୀବୀମାନଙ୍କ ସ୍ୱାର୍ଥ ପ୍ରତି ଦୃଷ୍ଟି ଦେଉନାହିଁ। କଇଁଛ ସୁରକ୍ଷା ଆଳରେ ମତ୍ସ୍ୟଜୀବୀଙ୍କୁ ଶୋଷଣ କରାଯାଉଛି। ଗୋଟିଏ ବୋଟ ଧରିଲେ ବନ ବିଭାଗ କର୍ମଚାରୀ ଲକ୍ଷାଧିକ ଟଙ୍କା ଲାଞ୍ଚ ନେଉଛନ୍ତି। ୨ଲକ୍ଷ ଟଙ୍କାର ମାଛକୁ ୫ହଜାର ଟଙ୍କାରେ ନିଲାମ ଦର୍ଶାଯାଉଛି। ଟ୍ରଲରରୁ ମାଛ ସହିତ ଚାଉଳ, ତେଲ ଓ ଲୁବ୍ରିକାଣ୍ଟ ଲୁଟି ନିଆଯାଉଛି ବୋଲି ମତ୍ସ୍ୟଜୀବୀମାନେ ଅଭିଯୋଗ କରିଥିଲେ। ଏଥିସହ ଆଗାମୀ ଦିନରେ ଏଭଳି ଅତ୍ୟାଚାରକୁ ଆଉ ବରଦାସ୍ତ କରାଯିବ ନାହିଁ। ଏପରି କରାଗଲେ ୧୦ଲକ୍ଷ ମତ୍ସ୍ୟଜୀବୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ତେବେ ଏ ସମ୍ପର୍କରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀଙ୍କ ନିକଟରେ ଅଭିଯୋଗ ହୋଇଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଦାବି ଜଣାଇବୁ ବୋଲି ସଂଘ କହିଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଏସିଏଫ୍ ପ୍ରଦୋଷ କୁମାର ପଟ୍ଟନାୟକଙ୍କୁ ପ୍ରଦାନ କରାଯାଇଥିଲା।




ଆନ୍ଦୋଳନରତ ଅଖିଳ ଓଡ଼ିଶା ମତ୍ସ୍ୟ ଉତ୍ପାଦକ ମହାସଂଘ ସଦସ୍ୟମାନେ।

## ୨ କିରାଣିଙ୍କ ବଦଳି ଦାବିରେ ଗଣଧାରଣା

**ରାଜନଗର, ୨୯।୭(ଡି.ଏନ୍.ଏ.)**

ରାଜନଗର ସବ୍‌ରେଜିଷ୍ଟ୍ରି କାର୍ଯ୍ୟାଳୟ ମୁଖ୍ୟ କିରାଣି ଭାସ୍କର ଚନ୍ଦ୍ର ବେହେରା ଓ ସହକାରୀ କିରାଣି କୈଳାସ ଚନ୍ଦ୍ର ବେହେରାଙ୍କ ବଦଳି ଦାବିରେ ସୋମବାର ସବ୍‌ରେଜିଷ୍ଟ୍ରି କାର୍ଯ୍ୟାଳୟ ଆଗରେ ଗଣଧାରଣା ଦିଆଯାଇଥିଲା। ହେଡ୍‌କ୍ଲର୍କ ଓ କିରାଣି ଦ୍ୱୟ ମଦ୍ୟପାନ କରି ଅଫିସକୁ ଆସିବା ସହ ଲୋକମାନଙ୍କୁ ଦୁର୍ବ୍ୟବହାର କରୁଛନ୍ତି। ଲାଞ୍ଚ ନ ଦେଲେ କାମ ହୋଇପାରିବ ନାହିଁ ବୋଲି ଏମାନେ ମନା କରିଦେଉଥିବା ଅଭିଯୋଗରେ ଅଫିସ ଆଗରେ ଗଣଧାରଣା ଦିଆଯାଇଥିଲା। ପୂର୍ବତନ ଜିଲାପରିଷଦ ସଭ୍ୟ ଅରୁଣ କୁମାର ରାଉତ ପୂର୍ବାହ୍ନ ୧୦ଟାରୁ ଧାରଣାରେ ବସିଥିବା ବେଳେ ତାଙ୍କୁ ସମର୍ଥନ ଜଣାଇ ବରିଷ୍ଠ କଂଗ୍ରେସ ନେତା ସନ୍ତୋଷ କୁମାର ମହାନ୍ତି, ରଞ୍ଜନ କୁମାର ମହାନ୍ତି, ଅଶୋକ କୁମାର ବଳ, ଦିଲ୍ଲୀପ କୁମାର ସିୟ, ଗୋଲେଖ କୁମାର ସ୍ୱାଇଁ, ନୀଳମଣି ପ୍ରଧାନ, ଦଧିବାମନ ଭୂୟାଁ, ସୁନୀଲ କୁମାର ରାଉଳ, ନିର୍ମଳ ବିଶ୍ୱାଳ ପ୍ରମୁଖ ଧାରଣାରେ ବସିଥିଲେ। ରାଜନଗର ତହସିଲଦାର ଦ୍ୱିବ୍ୟେନ୍ଦୁ ଶେଖର ଦାସ ଧାରଣାସ୍ଥଳରେ ପହଞ୍ଚି ଧାରଣାକାରୀଙ୍କ ସହ ଆଲୋଚନା କରିଥିଲେ। ଏଥିସହ ସେମାନଙ୍କ ଦାବି ସମ୍ପର୍କରେ ଏଡିଏମ୍‌ଙ୍କ ସହ ମୋବାଇଲରେ କଥା ହେବା ପରେ ହେଡ୍‌କ୍ଲର୍କ ଓ କିରାଣିଙ୍କୁ ୭ଦିନ ଭିତରେ ଅନ୍ୟତ୍ର ବଦଳି କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।



ସବ୍‌ରେଜିଷ୍ଟ୍ରି କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି।

### ନାବାଳିକାଙ୍କୁ ଅସଦାଚରଣ ଅଭିଯୋଗ: ଯୁବକ ଗିରଫ

**ରାଜକନିକା, ୨୯।୭(ଡି.ଏନ୍.ଏ.)**

ରାଜକନିକା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ରବିବାର ଅସଦାଚରଣ କରାଯାଇଥିବା ଅଭିଯୋଗ ହୋଇଛି। ଏହି ଅଭିଯୋଗରେ ସେହି ଅଞ୍ଚଳର ପ୍ରକାଶ ମଲିକଙ୍କୁ ସୋମବାର ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଏନେଇ ନାବାଳିକାଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ଅନୁଯାୟୀ, ପ୍ରକାଶ ସନ୍ଧ୍ୟାରେ ବୋଲବମ୍ ଯିବାକୁ ବାହାରିଥିବା ବେଳେ ନାବାଳିକାଙ୍କୁ ଏକୁଟିଆ ଦେଖି ଅସଦାଚରଣ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ପକ୍ଷରୁ ମାମଲା (ନଂ.୧୮୩/୧୯) ରୁଜୁ କରାଯାଇଥିଲା।

## ସ୍ୱାଧୀନତା ଦିବସ ପାଳନ ପାଇଁ ପ୍ରସ୍ତୁତି

**ପଟ୍ଟାମୁଣ୍ଡାଇ, ୨୯।୭ (ସ୍ୱ.ପ୍ର.)**

ପଟ୍ଟାମୁଣ୍ଡାଇ ଜାତୀୟ ଦିବସ ପାଳନ କମିଟି ପକ୍ଷରୁ ସ୍ୱାଧୀନତା ଦିବସ ପାଳନ ପାଇଁ ତହସିଲ କାର୍ଯ୍ୟାଳୟଠାରେ ସୋମବାର ଅପରାହ୍ନରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜାତୀୟ ଦିବସ ପାଳନ କମିଟି ଅଧ୍ୟକ୍ଷ ତଥା ତହସିଲଦାର ଶରତ କୁମାର ଗିରି ଅଧ୍ୟକ୍ଷତା କରିଥିଲେ। ବୈଠକରେ ପଟ୍ଟାମୁଣ୍ଡାଇ ଏସ୍‌ଆଇ ପୂର୍ଣ୍ଣଚନ୍ଦ୍ର ପଣ୍ଡା, ପ୍ରଫେସର୍ ଅନିରୁଦ୍ଧ ରାଉଳ, ପ୍ରଫେସର୍ ଦୁର୍ଯ୍ୟୋଧନ ପରିଡା, ଡା. ବ୍ରଜକିଶୋର ଖଣ୍ଡାୟୀ, ଲକ୍ଷ୍ମୀଧର ପାତ୍ର, ଅତିରିକ୍ତ ତହସିଲଦାର ଓମ୍‌ପ୍ରକାଶ ମହାନ୍ତି, ସ୍ଥାନୀୟ ଷ୍ଟେଟବ୍ୟାଙ୍କ ମୁଖ୍ୟ ପରିଚାଳକ ପ୍ରକାଶ ଗ୍ରହାଚାର୍ଯ୍ୟ ପ୍ରମୁଖ ଯୋଗଦେଇ ସ୍ୱାଧୀନତା ଦିବସକୁ ସରସ ସୁନ୍ଦର ଭାବେ ପାଳନ କରିବା ପାଇଁ ମତ ରଖିଥିଲେ। ବୈଠକରେ କମିଟି ସମ୍ପାଦକ ବିଜୟ କୁମାର ସାହୁ ପୂର୍ବ ବିବରଣୀ ପାଠ କରିଥିଲେ। ଚଳିତବର୍ଷ ଜାତୀୟ ଦିବସ ଏମ୍‌ଏନ୍ ହାଇସ୍କୁଲ ପଡିଆ ପରିବର୍ତ୍ତେ ସ୍ଥାନୀୟ ପରେଡ୍ ପଡିଆଠାରେ ପାଳନ କରିବା ପାଇଁ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ସ୍ଥିର ହୋଇଥିଲା। ପୂର୍ବବର୍ଷଗୁଡ଼ିକ ଭଳି ପରେଡ୍‌ରେ ଭାଗ ନେଉଥିବା ସ୍କୁଲ କଲେଜ ଛାତ୍ରୀଛାତ୍ରମାନେ ଚଳିତବର୍ଷ ଭାଗ ନେବାକୁ କୁହାଯାଇଥିଲା। ବୈଠକରେ ବୀରକିଶୋର ଦାସ, ଗୋପୀନାଥ ତ୍ରିପାଠୀ, ପ୍ରଦୀପ ପ୍ରଧାନ, ପ୍ରମୋଦ ଜେନା, ମନୋଜ ପରିଡାଙ୍କ ସମେତ ବିଭିନ୍ନ ସରକାରୀ କାର୍ଯ୍ୟାଳୟର ପ୍ରତିନିଧି, ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକ, ବୁଦ୍ଧିଜୀବୀମାନେ ଭାଗ ନେଇଥିଲେ।

## ଦାଦନ ଖଟିବାକୁ ଯାଇ ଫେରିନି ପୁଅ

**ମହାକାଳପଡ଼ା, ୨୯।୭(ଡି.ଏନ୍.ଏ.)**

**ଥାନାରେ ଅଭିଯୋଗ**

୬ ମାସ ପୂର୍ବେ କେନ୍ଦ୍ରାପଡ଼ା ଜିଲାର ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ଜମ୍ବୁ ଗ୍ରାମର ୫ ଜଣ ଶ୍ରମିକ ବେଙ୍ଗାଲୁରୁକୁ ଦାଦନ ଖଟିବାକୁ ଯାଇଥିଲେ। ସେମାନଙ୍କ ମଧ୍ୟରୁ ୪ ଜଣ ଫେରି ଆସିଥିବା ବେଳେ ଜଣେ ଅଦ୍ୟାବଧି ଫେରିନାହାନ୍ତି। ସେ ହେଲେ ନିତାଇ ମଣ୍ଡଳ(୩୦)। ଏନେଇ ତାଙ୍କ ମା' ସୁଷମା ରବିବାର ଜମ୍ବୁ ମେରାଇନ୍ ଥାନାରେ ଅଭିଯୋଗ କରିଛନ୍ତି।

ତାଙ୍କ ଅଭିଯୋଗ ଅନୁଯାୟୀ, ୬ ମାସ ପୂର୍ବେ ରାଜନଗର ଅଞ୍ଚଳର ଜଣେ ଠିକାଦାରଙ୍କ ପ୍ରରୋଚନାରେ ଜମ୍ବୁ ଗ୍ରାମରୁ ନିତାଇଙ୍କ ସମେତ କେଶବ ଦାସ, ଅଭିରାମ ମିସ୍ତ୍ରି, ବିଶ୍ୱଜିତ ରାୟ ଓ ସଞ୍ଜୀବ ଦାସ ବେଙ୍ଗାଲୁରୁକୁ ଦାଦନ ଖଟିବାକୁ ଯାଇ ନାସାପୁରା ମାର୍କେଟ ଅଞ୍ଚଳରେ ଏକ କମ୍ପାନୀ ପାଇଁ କାଠ ପ୍ୟାକିଂ କାର୍ଯ୍ୟ କରୁଥିଲେ। ମାତ୍ର ସମ୍ପୃକ୍ତ ଠିକାଦାର ସେମାନଙ୍କୁ ଟଙ୍କା ନଦେଇ ବିଭିନ୍ନ ସମୟରେ ନିର୍ଯାତନା ଦେଉଥିଲେ। ଏପରିକି କିଡ୍‌ନୀ ବିକ୍ରି କରିଦେବାକୁ ଧମକ ଦେଉଥିଲେ। ଫଳରେ ଭୟଭୀତ ହୋଇ ନିତାଇଙ୍କ ବ୍ୟତୀତ ଅନ୍ୟ ୪ ଜଣ ସେଠାରୁ ୩ ମାସ ପୂର୍ବେ ଲୁଚି ପଳାଇ ଆସିଥିଲେ। ସେମାନେ ଫେରିବା ପରେ ପୁଅ ସହ ଅଦ୍ୟାବଧି କୌଣସି ଯୋଗାଯୋଗ ହୋଇପାରିନାହିଁ ବୋଲି ସୁଷମା ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ଏନେଇ ସେ ଜିଲା ପ୍ରଶାସନ ଓ ଥାନାରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ ବୋଲି କହିଛନ୍ତି। ଜମ୍ବୁ ମେରାଇନ୍ ଥାନା ଅଧିକାରୀ ରାମକୁମାର ମୁର୍ମୁଙ୍କ କହିବା ଅନୁସାରେ ଅଭିଯୋଗ ପତ୍ର ମିଳିଛି। ଏନେଇ ତଦନ୍ତ ଜାରି ରହିଛି। ଏସମ୍ପର୍କରେ କେନ୍ଦ୍ରପଡ଼ା ଜିଲାପାଳ ସମର୍ଥ ବର୍ମା କହିଛନ୍ତି ଏହା ଏକ ସମ୍ବେଦନଶୀଳ ଘଟଣା ହୋଇଥିବାରୁ ଜିଲା ଶ୍ରମ ଅଧିକାରୀଙ୍କ ସହ ଆଲୋଚନା ପରେ ଆଗାମୀ ପଦକ୍ଷେପ ନିଆଯିବ।

## ■ ଗରଦପୁରରେ ମିଳିତ ଜନଶୁଣାଣି

# ୨୯୨ ଅଭିଯୋଗ ଶୁଣିଲେ ଜିଲାପାଳ

**ପାଟକୁରା, ୨୯।୭ (ଡି.ଏନ୍.ଏ.)**

ଗରଦପୁର ବ୍ଲକ ସଭାଗୃହରେ ମିଳିତ ଜନ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାପାଳ ସମର୍ଥ ବର୍ମା ଓ ଏସ୍‌ପି ନୀତିଶେଖର ଉପସ୍ଥିତ ରହି ସମୁଦାୟ ୨୯୨ ଅଭିଯୋଗର ଶୁଣାଣି କରିଥିଲେ। ଶିବିରରେ ବିଶେଷ କରି ଆବାସ ଯୋଜନାରେ ଗୃହ, ପାନୀୟ ଜଳ ଯୋଗାଣ, ପାଟକୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶଯ୍ୟା ବୃଦ୍ଧି ସହିତ କୃଷିର ବିକାଶ ପାଇଁ ଗରଦପୁର କେନାଲ୍ କାର୍ଯ୍ୟ ତ୍ୱରାନ୍ୱିତ କରାଯିବା ନିମନ୍ତେ ପ୍ରସ୍ତାବ ଦିଆଯାଇଥିଲା। ସେହିପରି ପୁନ୍ଦାଳ କେନାଲ୍‌ରେ ତଳମୁଣ୍ଡକୁ ପାଣି ପହଞ୍ଚାଇବା ପାଇଁ ପଦକ୍ଷେପ ନେବାକୁ ଆଲୋଚନା କରାଯାଇଥିଲା। ମୁଖ୍ୟମନ୍ତ୍ରୀ କଳାକାର ଯୋଜନାରେ ବ୍ଲକର ୨୫୦ ଯୋଗ୍ୟ କଳାକାରଙ୍କ ଭତ୍ତା ମଞ୍ଜୁର ପାଇଁ ଶ୍ରୀଜଗନ୍ନାଥ ସଙ୍କୀର୍ତ୍ତନ ମହାସଂଘ ପକ୍ଷରୁ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ପାଟକୁରାରେ ଏକ ଗଭୀର ନଳକୂପ ଖନନ ଓ ବାମରା ଗ୍ରାମକୁ ପାନୀୟ ଜଳଯୋଗାଣ ପାଇଁ ବ୍ଲକ ଚେୟାରମ୍ୟାନ ସ୍ୱର୍ଣ୍ଣପ୍ରଭା ସେଠୀ ଜିଲାପାଳଙ୍କ ନିକଟରେ ଦାବି କରିଥିଲେ।

ସେହିପରି ଗରଦପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ନିୟମିତ ଡାକ୍ତର ଆସୁ ନଥିବା ବେଳେ ଔଷଧ ମଧ୍ୟ ମିଳୁ ନଥିବା ଗରଦପୁରର ନବାବ ପଣ୍ଡା ଅଭିଯୋଗ କରିଥିଲେ। ବେଡ଼ାରୀ ବାତ୍ୟା ଆଶ୍ରୟସ୍ଥଳୀରେ ପାନୀୟ ଜଳ ଯୋଗାଣ ଓ ବିଦ୍ୟୁତୀକରଣ ପାଇଁ ସ୍ଥାନୀୟ ସରପଞ୍ଚ ଗୋକୁଳାନନ୍ଦ ବେହେରା ଦାବି କରିଥିଲେ। ଭଦକମଳ ଗ୍ରାମ୍ୟ ରାସ୍ତାରୁ ଜବରଦଖଲ ହଟାଇବା ପାଇଁ ସ୍ଥାନୀୟ ସରପଞ୍ଚ ଆରତୀ ମଲିକ ଦାବି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହକାରୀ ଜିଲାପାଳ ଭରତ ଚନ୍ଦ୍ର ପରିଡ଼ା, ବିଡିଓ ଧରଣୀଧର ବେହେରା, ଅତିରିକ୍ତ ତହସିଲଦାର ଉମାକାନ୍ତ ବିଶ୍ୱାଳ, ଜିଲାଶିକ୍ଷାଧିକାରୀ କଳ୍ପନା ବେହେରା, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଖଗେଶ୍ୱର ସେଠୀ, ଜିଲାମଙ୍ଗଳ ଅଧିକାରୀ କାଳନ୍ଦୀ ଭୋଇ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଦେବେନ୍ଦ୍ରନାଥ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଜିଲାପାଳ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ବୃତ୍ତି ଅର୍ଥର ଚେକ୍ ପ୍ରଦାନ କରିଥିଲେ।



ଶିବିରରେ ଜିଲାପାଳ ସମର୍ଥ ବର୍ମାଙ୍କ ସହ ଅନ୍ୟ ଅଧିକାରୀମାନେ ଅଭିଯୋଗ ଶୁଣାଣି କରୁଛନ୍ତି।

## ସଂକ୍ଷେପରେ

### ୧୮ଟନ୍ କୋଇଲା ବୋଝେଇ ଟ୍ରକ୍ ଜବତ, ଡ୍ରାଇଭର ଗିରଫ

ଚଣ୍ଡିଖୋଲ,୨୯।୭(ଡି.ଏନ.ଏ): ୧୬ନଂ ଜାତୀୟ ରାଜପଥ ବଡ଼ଚଣା ଛକ ନିକଟରୁ ବଡ଼ଚଣା ପୋଲିସ ଏକ ଚୋରା କୋଇଲା ବୋଝେଇ ଟ୍ରକକୁ ସୋମବାର ଜବତ କରିବା ସହ ଟ୍ରକ ଚାଳକ ଅସିଫ ଅଲ୍ଲୀଙ୍କୁ ଗିରଫ କରିଛି। ସୂଚନା ଥାଉକି, ଏକ ୧୦ ଚକିଆ ଟ୍ରକ (ଓଆର ୦୪ଏଚ ୧୬୪୪) ବଡ଼ଚଣା ପେଟ୍ରୋଲ ପମ୍ପ ନିକଟରେ ଠିଆ ହୋଇଥିବାବେଳେ ପୋଲିସ ସେଠାରେ ପହଞ୍ଚି ଗାଡି ଓ ଏଥିରେ ବୋଝେଇ ୧୮ଟନ କୋଇଲାର କାଗଜପତ୍ର ମାଗିଥିଲା। ତେବେ ଡ୍ରାଇଭର କୋଇଲା ସମ୍ପର୍କରେ କୌଣସି କାଗଜପତ୍ର ଦେଖାଇ ପାରି ନ ଥିଲେ। ଫଳରେ ପୋଲିସ ଉକ୍ତ ଗାଡ଼ିକୁ ଜବତ କରିବା ସହିତ ଗାଡ଼ି ଚାଳକଙ୍କୁ ଗିରଫ କରିଥିଲା। ଟ୍ରକଟି ଚଣ୍ଡିଖୋଲ ଅଞ୍ଚଳର ବିନାୟକ ପ୍ରସାଦ ସାମଲଙ୍କର ବୋଲି ଜଣାପଡ଼ିଛି। ପୋଲିସ ଏ ନେଇ ଏକ ମାମଲା (ନଂ ୧୬୬/୧୯) ରୁଜୁ କରି ଅଧିକ ତଦନ୍ତ ଚଳାଇଛି।

### ନାବାଳିକା ଉଦ୍ଧାର

ଚଣ୍ଡିଖୋଲ,୨୯।୭(ଡି.ଏନ.ଏ): ବଡ଼ଚଣା ଥାନା ଚଣ୍ଡିଖୋଲ ନିକଟସ୍ଥ ଖୋସାଲିପୁର ଗ୍ରାମ ନଳୁଆଶୁଣି ମନ୍ଦିର ପରିସରରୁ ସୋମବାର ସକାଳେ ଜଣେ ନାବାଳିକାଙ୍କୁ ଉଦ୍ଧାର କରାଯାଇଛି। ଖୋସାଲିପୁର ଗ୍ରାମବାସୀ ମନ୍ଦିରକୁ ପୂଜା କରିବା ପାଇଁ ଆସିବା ସମୟରେ ଜଣେ ନାବାଳିକା ସେଠାରେ ବସି କାନ୍ଦୁଥିବାର ଦେଖିଥିଲେ। ଏ ସମ୍ପର୍କରେ ଗ୍ରାମବାସୀ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତାଙ୍କୁ ଖବର ଦେଇଥିଲେ। ସ୍ୱେଚ୍ଛାସେବୀ ପୋଲିସକୁ ଖବର ଦେବା ପରେ ଘଟଣାସ୍ଥଳରେ ବଡ଼ଚଣା ପୋଲିସ ପହଞ୍ଚି ଝିଅଟିକୁ ଉଦ୍ଧାର କରିଥିଲା। ଥାନାକୁ ନେଇ ନାବାଳିକାଙ୍କୁ ପଚରାଉଚରା କରିବା ପରେ ସେ ଦାରିଦ୍ର୍ୟ ଓ ସାବତ ମା'ର ନିର୍ଯାତନା ସହି ନ ପାରି ଘର ଛାଡ଼ିଥିବା ପ୍ରକାଶ କରିବା ସହ ନିଜର ଠିକଣା ଦେଇଥିଲେ। ପୋଲିସ ତାଙ୍କ ଠାରୁ ଠିକଣା ସଂଗ୍ରହ କରିବା ପରେ ଅପରାହ୍ଣରେ ନିଜ ଗ୍ରାମରେ ଛାଡ଼ିବା ସହ ପରିବାର ଲୋକଙ୍କୁ ବୁଝାଇ ନାବାଳିକାଙ୍କୁ ହସ୍ତାନ୍ତର କରିଛି।

### କିଶୋର ନ୍ୟାୟ ଆଇନ ସଚେତନତା କର୍ମଶାଳା

ଯାଜପୁର ଟାଉନ,୨୯।୭(ଡିଏନଏ): ଯାଜପୁର ଉତ୍କଳ ବାଳାଶ୍ରମ ପରିସରରେ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ କିଶୋର ନ୍ୟାୟ ଆଇନ ସମ୍ପର୍କରେ ଏକ ସଚେତନତା କର୍ମଶାଳା ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଶିଶୁ ସୁରକ୍ଷା ୟୁନିଟ ଓ ରାଜ୍ୟ ବଚପନ ବଚାଓ ଆନ୍ଦୋଳନ ଶାଖାର ମିଳିତ ସହଯୋଗରେ ଆୟୋଜିତ ଏହି କର୍ମଶାଳାରେ ଯାଜପୁର ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଜୀବନାନନ୍ଦ ପାଢ଼ୀ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଶିଶୁଙ୍କ ସାମ୍ବିଧାନିକ ଅଧିକାର ଯେପରି ସୁରକ୍ଷିତ ରଖାଯାଇ ପାରିବ ସେଥିପାଇଁ ପ୍ରତ୍ୟେକ କ୍ଷେତ୍ରରେ ସହଯୋଗ କରିବାକୁ ପରାମର୍ଶ ଦେଇଥିଲେ। କନିଷ୍ଠ ଦେୱାନୀ ବିଚାରପତି ଦେବୀଜ୍ୟୋତି ମହାପାତ୍ର କିଶୋର ନ୍ୟାୟ ଆଇନ ସମ୍ପର୍କରେ ମତ ଦେଇଥିଲେ। ଜିଲା ଆଇନ ସେବା ପ୍ରାଧିକରଣର ସମ୍ପାଦକ ପ୍ରଦୀପ କୁମାର ବେହେରା ଏଥିରେ ଅଧକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର, ବାଳାଶ୍ରମ ତତ୍ତ୍ୱାବଧାରକ ତରଣୀସେନ ପଟ୍ଟନାୟକ, ବଚପନ ବଚାଓ ଆନ୍ଦୋଳନର ଓଡ଼ିଶା ଶାଖା ସଂଯୋଜକ ସତ୍ୟ ନାରାୟଣ ବିଶ୍ୱାଳ, ଜିଲା ଶିଶୁ ମଙ୍ଗଳ କମିଟି ଅଧକ୍ଷା ରୀତା ବେହେରା, ସଦସ୍ୟ ହୃଷିକେଶ ପଣ୍ଡା ପ୍ରମୁଖ ଯୋଗଦେଇ ମତବ୍ୟକ୍ତ କରିଥିଲେ।

■ ଠିକାସଂସ୍ଥାକୁ ଏନ୍‌ଆଇଏନ୍‌ଏଲ୍ ଡିଜିଏମ୍‌ଙ୍କ ନୋଟିସ

# ସପ୍ତାହକ ମଧ୍ୟରେ ବୀମାରାଶି ପ୍ରଦାନ ନିର୍ଦ୍ଦେଶ

ଯାଜପୁର ଅଫିସ/କଳିଙ୍ଗନଗର (ଡି.ଏନ.ଏ.),୨୯।୭

ଯାଜପୁର ଜିଲାରେ ସର୍ବନିମ୍ନ ମଜୁରୀ ଆଇନ, ଠିକାଶ୍ରମିକ ଉଚ୍ଛେଦ ଆଇନ, ଶିଳ୍ପ ବିବାଦ ଆଇନ, ଇଣ୍ଡଷ୍ଟ୍ରିଆଲ ଏମ୍ପ୍ଲଏମେଣ୍ଟ ଷ୍ଟାଣ୍ଡିଂ ଅର୍ଡର ପ୍ରଭୃତି ଶ୍ରମିକ ଆଇନ କ୍ଷେତ୍ରରେ ପ୍ରାୟ ୩୦୦ରୁ ଊର୍ଦ୍ଧ୍ୱ ମାମଲା ବିଚାରାଧୀନ ରହିଛି। ଫଳରେ ବିଭିନ୍ନ କ୍ଷେତ୍ରରେ କାମ କରୁଥିବା ଶ୍ରମିକମାନେ ତୁରନ୍ତ ନ୍ୟାୟ ପାଉ ନ ଥିବାରୁ ଶ୍ରମ ବିଭାଗକୁ ଦୌଡିଦୌଡି ନୟାନ୍ତ ହୋଇପଡିଲେଣି। ଏହିକ୍ରମରେ ପ୍ରଥମେ ଧରିତ୍ରୀରେ କବିତା ବାରିକଙ୍କ ଆତ୍ମାହୁତି ଧମକ ଖବର ପ୍ରକାଶ ପାଇବା ପରେ କଳିଙ୍ଗନଗର ନୀଳାଚଳ ଇସ୍ପାତ ନିଗମ ଲିଃ (ଏନ୍‌ଆଇଏନ୍‌ଏଲ) ବିହିତ ପଦକ୍ଷେପ ଗ୍ରହଣ କରିଛି। ଠିକାସଂସ୍ଥାର ସତ୍ତ୍ୱାଧିକାରୀ (ପ୍ରୋପ୍ରାଇଟର) ପରମାନନ୍ଦ ନାୟକଙ୍କୁ ସପ୍ତାହକ ମଧ୍ୟରେ ଅଭିଯୋଗକାରିଣୀ କବିତାଙ୍କ ମାମଲାର ସମାଧାନ କରିବା ପାଇଁ ଏନ୍‌ଆଇଏନ୍‌ଏଲ ଡିଜିଏମ ଜୁଲାଇ ୨୬ରେ ନିର୍ଦ୍ଦେଶ ଜାରି କରିଛନ୍ତି।

**କବିତାଙ୍କ ଆତ୍ମାହୁତି ଧମକ ପରେ ଚେତା ପଶିଲା**



ସୂଚନା ଯେ, କବିତା ବାରିକଙ୍କ ସ୍ୱାମୀ ଚନ୍ଦ୍ରକାନ୍ତ ବାରିକ ଏନ୍‌ଆଇଏନ୍‌ଏଲ୍‌ରେ ଦୀର୍ଘ ୧୪ବର୍ଷ ଧରି ପରାମାନନ୍ଦ ଠିକାସଂସ୍ଥା ଅଧୀନରେ କାର୍ଯ୍ୟ କରୁଥିଲେ। ତାଙ୍କ ସ୍ୱାମୀ ବାଇକ୍ ଯୋଗେ କାମ କରିବାକୁ ଯାଉଥିବାବେଳେ ଗତ ୨୧।୧।୨୦୧୭ରେ ଏକ ସଡ଼କ ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହି ଦୁର୍ଘଟଣାରେ ଜେନା କନଷ୍ଟ୍ରକ୍ସନ ଠିକାସଂସ୍ଥା ଅଧୀନରେ କାମ କରୁଥିବା ଅନ୍ୟଜଣେ ଶ୍ରମିକ ପ୍ରମୋଦ ପାତ୍ରଙ୍କର ମଧ୍ୟ ମୃତ୍ୟୁ ହୋଇଥିଲା। ପ୍ରମୋଦଙ୍କ ଆବଶ୍ୟମା ବୀମା ଥିବାରୁ ତାଙ୍କ ପରିବାରବର୍ଗ ବୀମାରାଶି ୫ଲକ୍ଷ ଟଙ୍କା ପାଇଥିଲେ। କିନ୍ତୁ ଚନ୍ଦ୍ରକାନ୍ତଙ୍କ କ୍ଷେତ୍ରରେ ଦିନ ଗଡି ଚାଲିଲା। ଉଲ୍ଲେଖଯୋଗ୍ୟ ଯେ, ସମ୍ପୃକ୍ତ ସଂସ୍ଥା ଚନ୍ଦ୍ରକାନ୍ତଙ୍କୁ ବିନା ବୀମାରେ କେବଳ ଶ୍ରମିକ ଗେଟ ପାସ ଦେଇଥିଲେ। ଯେଉଁଥିରେ ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବୀମା ରାଶି ପ୍ରଦାନ ବ୍ୟବସ୍ଥା ରହିଥିବା କାର୍ଯ୍ୟ ନିର୍ଦ୍ଦେଶରେ ଉଲ୍ଲେଖ ରହିଥିଲା। କିନ୍ତୁ କମ୍ପାନୀର ସମ୍ପୃକ୍ତ ଅଧିକାରୀଙ୍କ ଅବହେଳା ଯୋଗୁ ଚନ୍ଦ୍ରକାନ୍ତଙ୍କ ବୀମା କରା ନ ଯାଇ ତାଙ୍କର କେବଳ ଗେଟ ପାସ କରାଯାଇଥିଲା। ବିନା ବୀମାରେ ଗେଟପାସ ପ୍ରଦାନର ନିୟମ ନ ଥିବାବେଳେ ଚନ୍ଦ୍ରକାନ୍ତଙ୍କ ପରିବାରବର୍ଗ ବୀମାରାଶି ପାଇବାରୁ ବଞ୍ଚିତ ହୋଇଥିଲେ। ଏଥିପାଇଁ ଚନ୍ଦ୍ରକାନ୍ତଙ୍କ ସ୍ତ୍ରୀ କବିତା ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ବାଣିଜ୍ୟ ମନ୍ତ୍ରୀ, ଜାତୀୟ ମାନବାଧିକାର କମିଶନ, ଜିଲାପାଳ, ଏନ୍‌ଆଇଏନ୍‌ଏଲ୍ କର୍ତ୍ତୃପକ୍ଷ ପ୍ରମୁଖଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ହେଲେ କେହି ଏଥିପ୍ରତି ଦୃଷ୍ଟି ଦେଇ ନ ଥିଲେ। କବିତା ବାରମ୍ବାର ଏନେଇ ପ୍ରଶାସନର ଦ୍ୱାରସ୍ଥ ହେଉଥିଲେ ହେଁ ଶେଷରେ ୨୫।୭।୨୦୧୯ରେ ୧୫ଦିନ ମଧ୍ୟରେ ତାଙ୍କୁ ବୀମାରାଶି ପ୍ରଦାନ ନ କଲେ ଏଡିଏମ୍ କାର୍ଯ୍ୟାଳୟ ସମ୍ମୁଖରେ ଆତ୍ମାହୂତି ଧମକ ଦେଇଥିଲେ। ଏନେଇ ଧରିତ୍ରୀରେ ଗତ ୨୬ତାରିଖ ଖବର ପ୍ରକାଶ ପାଇଥିଲା। ଏହାପରେ ନୀଳାଚଳ କର୍ତ୍ତୃପକ୍ଷ ତତ୍ପରତା ପ୍ରକାଶ କରି ସମ୍ପୃକ୍ତ ଠିକାସଂସ୍ଥାର ମୁଖ୍ୟ ପରମାନନ୍ଦ ନାୟକଙ୍କୁ ୧ ସପ୍ତାହ ମଧ୍ୟରେ ମାମଲାର ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ନିର୍ଦ୍ଦେଶ ପତ୍ରରେ ନୀଳାଚଳ ଡିଜିଏମ ଗୌତମ କୁମାର ରଥ ଦର୍ଶାଇଛନ୍ତି ଯେ, ମାମଲାର ସମାଧାନ ହେଉ ନ ଥିବାରୁ ନୀଳାଚଳ କର୍ତ୍ତୃପକ୍ଷ ପ୍ରଧାନମନ୍ତ୍ରୀ ଅଭିଯୋଗ ପ୍ରକୋଷ୍ଠ, ଜାତୀୟ ମାନବାଧିକାର କମିଶନ ପ୍ରମୁଖ ସରକାରୀ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଆବଶ୍ୟକ ଉତ୍ତର ଦେଇ ପାରୁନାହାନ୍ତି। ତେଣୁ ଏହି ମାମଲାର ସମାଧାନ ନ ହେଲେ ଠିକାସଂସ୍ଥାର ପ୍ରାପ୍ୟରୁ କାଟି କବିତାଙ୍କ ଆବଶ୍ୟକ ବୀମାରାଶି ପ୍ରଦାନ କରାଯିବ ବୋଲି କୁହାଯାଇଛି। ଏପରି ଭାବେ ସ୍ଥାୟୀ କାର୍ଯ୍ୟରେ ଠିକା ଶ୍ରମିକଙ୍କୁ ନିୟୋଜିତ କରାଯାଇ ଠିକା ଶ୍ରମିକ ଉଚ୍ଛେଦ ଆଇନକୁ ଖୋଲାଖୋଲି ଉଲ୍ଲଂଘନ କରାଯାଇ ଶିଳ୍ପପତିମାନେ ମାଲାମାଲ ହେଉଛନ୍ତି। ଶ୍ରମିକଙ୍କ ସ୍ୱାର୍ଥ ପାଇଁ କେହି ଚିନ୍ତା କରୁ ନ ଥିବାବେଳେ କେବଳ ରାଜନୈତିକ ଭାଷଣବାଜିରେ ସୀମିତ ରହୁଛି।

ଯାଜପୁରରେ ବେଆଇନ ଗୋରୁ ବେପାର

## ଜେନାପୁର ପୋଲିସ ଧରିଲା, ଧର୍ମଶାଳା ଛାଡିଲା

ଯାଜପୁର ଅଫିସ/ଜେନାପୁର (ଡି.ଏନ.ଏ.),୨୯।୭

ବେଆଇନ ଗୋରୁଚାଲାଣକୁ ନେଇ ସୋମବାର ଯାଜପୁର ଜିଲା ପୋଲିସର ଦୁଇଟି ପୃଥକ ଘଟଣା ଜିଲାସାରା ଚର୍ଚ୍ଚାର ବିଷୟ ହୋଇଛି । ଜେନାପୁର ଥାନା ପୋଲିସ ବେଆଇନ ଗୋରୁ ଚାଲାଣ ଘଟଣାରେ ୩ ଅଭିଯୁକ୍ତ କୋର୍ଟଚାଲାଣ କରିଥିବାବେଳେ ଧର୍ମଶାଳା ଥାନା ପୋଲିସ ବେଆଇନ ଗୋରୁ ବେପାରୀଙ୍କୁ ଚାଷୀଙ୍କ ଗୋରୁ କହି ସୁରକ୍ଷା ଦେଇ ଛାଡି ଦେଇଥିବା ଅଭିଯୋଗ ହୋଇଛି। ଏଠାରେ ଜେନାପୁର ଓ ଧର୍ମଶାଳା ଥାନା ପୋଲିସ ମଧ୍ୟରେ ଭିନ୍ନ ପଦକ୍ଷେପକୁ ନେଇ ଆଇନଶୃଙ୍ଖଳା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସୂଚନାଯୋଗ୍ୟ ଯେ, ସୁକିନ୍ଦା ଥାନା ଅନ୍ତର୍ଗତ କନ୍ତୋର ଗୋରୁ ହାଟରୁ ଏକ ଗାଡ଼ିରେ ବେଆଇନ ଭାବେ ୨୩ଟି ଗୋରୁ ବୋଝେଇ ଗାଡି ଯାଉଥିଲା। ଜେନାପୁର ପୋଲିସ ସେହି ଗାଡ଼ିଟିକୁ ଢ଼େଙ୍କଧରା ଛକ ନିକଟରେ ଅଟକାଇ ଯାଞ୍ଚ କରିବା ପରେ ଗାଡି ସହ ଗୋରୁ ଜବତ ହୋଇଥିଲା। ଏଥିରେ ସମ୍ପୃକ୍ତ ଥିବା ୩ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିଲା। ମାତ୍ର ଦ୍ୱିତୀୟ ଘଟଣାରେ ଧର୍ମଶାଳା ପୋଲିସ ତାର ତାର ନୈତିକ କର୍ତ୍ତବ୍ୟକୁ ଭୁଲି ଯାଇଥିଲା। ସୋମବାର ସକାଳେ ଏକ ଟାଟା ଏସିଇ ଗାଡ଼ିରେ ୮ଟି ଗୋରୁବୋଝେଇ କରି ୧୬ ନମ୍ବର ଜାତୀୟ ରାଜପଥରେ ସେହି ଶାହାପୁର ଗୋରୁ ହାଟକୁ ଯାଉଥିବା ସମୟରେ କିଛି ଲୋକ ସେହି ଗାଡ଼ିକୁ ଅଟକାଇଥିଲେ। ଏହାପରେ ଧର୍ମଶାଳା ଥାନାର ପାଟ୍ରୋଲିଂ କରୁଥିବା ପୋଲିସ ଟିମ୍‌କୁ ଜିମା ଦେଇଥିଲେ। କିନ୍ତୁ ପୋଲିସ ସେହି ବେପାରୀଙ୍କୁ ସୁରକ୍ଷା ଦେବାକୁ ଯାଇ ଅଟକାଇ ଥିବା ଲୋକଙ୍କୁ ନାଲି ଆଖି ଦେଖାଇ ଏସବୁ ଚାଷୀଙ୍କ ଗୋରୁ ବୋଲି କହି ଛାଡ଼ି ଦେଇଥିଲା। ତେବେ ଗାଡି ଅଟକାଇଥିବା ଲୋକେ ଗାଡି କାଗଜପତ୍ର ଇଣ୍ଟରନେଟରେ ଯାଞ୍ଚ କରିବା ପରେ ଦୀର୍ଘଦିନ ହେଲାଣି ବିନା ଇନ୍ସୁରାନ୍ସ ଓ ଫିଟନେସରେ ଚାଲିଥିବା ଜଣାପଡିଥିଲା। ଏଥିରୁ ପାଟ୍ରୋଲିଂ ଦାୟିତ୍ୱରେ ଥିବା ପୋଲିସ ଟିମର କାର୍ଯ୍ୟ ସ୍ୱଚ୍ଛତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

■ ବନ୍ୟା ପାଣିରେ ଅଟକିଲା ଆମ୍ବୁଲାନ୍ସ

## ଚିକିତ୍ସା ନ ପାଇ ମହିଳାଙ୍କ ମୃତ୍ୟୁ

କାଳିମେଳା,୨୯।୭(ଡି.ଏନ.ଏ)

ଠିକ ସମୟରେ ଚିକିତ୍ସା ନ ପାଇବାରୁ ଜଣେ ମହିଳାଙ୍କର ମୃତ୍ୟୁ ହୋଇଛି। ସେ ହେଉଛନ୍ତି ଲିଙ୍ଗା ରାବାଙ୍କ ସ୍ତ୍ରୀ ଇଙ୍କା। ବନ୍ୟାପାଣିରେ ଆମ୍ବୁଲାନ୍ସ ଆଗକୁ ଯାଇ ନ ପାରିବାରୁ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡିଛି। ପ୍ରକାଶ ଯେ, ମାଲକାନଗିରି ଜିଲା କାଳିମେଳା ବ୍ଲକ ପୁଷ୍ପୁଗୁଡା ପଞ୍ଚାୟତ ଉରବାଲି ଗ୍ରାମର ଇଙ୍କା ରବିବାର ସନ୍ଧ୍ୟାରେ ଦୁର୍ଘଟଣାରେ ଶିକାର ହୋଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଏମଭି–୭୯ ସ୍ଥିତ ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା । ସେଠାରେ ତାଙ୍କ ସ୍ୱାସ୍ଥ୍ୟ ଅଧିକ ଖରାପ ହେବାରୁ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ମାତ୍ର ଜିଲାରେ ଲଘୁଚାପ ବର୍ଷା ଲାଗି ରହିଥିବା ଯୋଗୁ ଏମଭି–୭୯ଠାରୁ ମାଲାକନଗିରି ଯୋଗାଯୋଗ କରୁଥିବା କାଙ୍ଗୁରୁକୋଣ୍ଡା ପୋଲ ଉପରେ ୪ ଫୁଟ ଏବଂ ପୋଟେରୁ ନଦୀ ପୋଲ ଉପରେ ମଧ୍ୟ ବନ୍ୟାପାଣି ପ୍ରବାହିତ ହେଉଥିଲା। ଫଳରେ ଆମ୍ବୁଲାନ୍ସଟି ମାଲକାନଗିରି ଯାଇପାରି ନ ଥିଲା। ପରେ ଆମ୍ବୁଲାନ୍ସ ଗୁରୁତର ଇଙ୍କାକୁ ଧରି ରାତି ପ୍ରାୟ ସାଢେ ୭ଟାରେ କାଳିମେଳା ମେଡିକାଲକୁ ଆସିଥିଲା। ସେଠାରେ ପରିବାର ଲୋକେ ତାଙ୍କୁ ଚିକିତ୍ସା ଲାଗି ଭର୍ତ୍ତି କରିଥିଲେ। ଏହି ସମୟରେ ବିଡିଓ ଉମା ଶଙ୍କର ଦଳାଇ ସେଠାରେ ଉପସ୍ଥିତ ଥିଲେ। ତେବେ ଇଙ୍କାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବାରୁ ସେ ଅଚେତ ଅବସ୍ଥାରେ ଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରରେ ତାଙ୍କର ଚିକିତ୍ସା ଚାଲିଥିବା ବେଳେ ରାତି ୧୨ଟାରେ ଇଙ୍କାଙ୍କ ମୃତ୍ୟୁ ହୋଇଯାଇଥିଲା।

## ମା' ବିରଜା ସିଂହାସନରେ ରଙ୍ଗ

ଯାଜପୁର ଟାଉନ,୨୯।୭(ଡିଏନଏ)

**ବିବାଦରେ ମନ୍ଦିର ପ୍ରଶାସନ**

ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କ ସିଂହାସନରେ ରଙ୍ଗ ବୋଳି ଦେଇଛନ୍ତି ପୂଜକ। ଏହାକୁ ନେଇ ବିବାଦରେ ଫସି ଯାଇଛି ମନ୍ଦିର ପ୍ରଶାସନ। ମୂର୍ତ୍ତି ଚୋରି ଓ ମେହେରାବି ମରାମତି ଘଟଣା ପରେ ଏହି ରଙ୍ଗ ଲଗାଇବା ଘଟଣା ଭକ୍ତଙ୍କ ଭାବାବେଗରେ ପୁଣି କ୍ଷତ ସୃଷ୍ଟି କରିଛି। ବିରଜା ମନ୍ଦିର ଦୀର୍ଘ ୫ଶହ ବର୍ଷରୁ ଊର୍ଦ୍ଧ୍ୱ ବର୍ଷ ପୂର୍ବେ ଯଯାତିକେଶରୀ ରାଜାଙ୍କ ସମୟରେ ନିର୍ମାଣ ହୋଇଥିଲା। ଏବେ ଏହି ମନ୍ଦିର ପ୍ରତ୍ନତତ୍ତ୍ୱ ବିଭାଗ ଅଧୀନରେ ରହିଛି। ରବିବାର ବିରଜାଙ୍କ ସିଂହାସନରେ ରଙ୍ଗ ଲଗାଯାଇଥିବା ଦେଖିବାକୁ ମିଳିଛି। ପୂଜକ ସୁକାନ୍ତ ପାଣି ରବିବାର ମନ୍ଦିର ଦାୟିତ୍ୱରେ ଥିବାରୁ ସେ ଏଭଳି କାର୍ଯ୍ୟ କରିଥାଇ ପାରନ୍ତି ବୋଲି ବିରଜା ବାହିନୀ ସଭାପତି ସନ୍ତୋଷ କୁମାର ବେହେରା ଅଭିଯୋଗ କରିଛନ୍ତି।

ସୂଚନାଯୋଗ୍ୟ ଯେ, ମା' ବିରଜାଙ୍କ ସିଂହାସନ ପୁରୁଣା ମୁଗୁନି ପଥରରେ ନିର୍ମିତ। ଏହି ସିଂହାସନକୁ ସଫା କରିବା ପାଇଁ ଗୁଡ଼ ଓ ଚୁଆ ମିଶ୍ରଣ କରି ଲଗାଯାଇଥାଏ। ମାତ୍ର ଏହାକୁ ଅମାନ୍ୟ କରି ସେଠାରେ ରଙ୍ଗ ଲଗାଇବା ଘଟଣା ସମସ୍ତଙ୍କୁ ଚକିତ କରିଛି। ପ୍ରତ୍ନତତ୍ତ୍ୱ ବିଭାଗର ବିନା ପରାମର୍ଶରେ ମନ୍ଦିରର କୌଣସି ମରାମତି କିମ୍ବା ରଙ୍ଗ ଲଗାଯାଇ ପାରିବା ନିୟମ ନ ଥିବାବେଳେ ପୂଜକ କିପରି ଏହି ରଙ୍ଗ ଲଗାଇଥିଲେ ତାହା ସମସ୍ତଙ୍କୁ ବିସ୍ମିତ କରିଛି। ୨୦୦୪ ଅଗଷ୍ଟରେ ମା' ବିରଜାଙ୍କ ମେହେରାବିରେ ଫାଟ ସୃଷ୍ଟି ହେବାରୁ ମରାମତି କାର୍ଯ୍ୟ ଆରମ୍ଭ କରାଯାଇଥିଲା। ପରେ ବିରଜାଙ୍କ ମୂର୍ତ୍ତି ବଦଳ ଘଟଣାକୁ ନେଇ ନାନା ବିବାଦ ସୃଷ୍ଟି ହୋଇଥିଲା। ଏହି ଘଟଣାକୁ ନେଇ ରାଜ୍ୟସାରା ଚହଳ ସୃଷ୍ଟି ହେବାପରେ ଆରଡିସି ତଦନ୍ତ କରାଯାଇଥିଲା। ଏହା ଏକ ସମ୍ବେଦନଶୀଳ ଘଟଣା ହୋଇଥିବାରୁ ଭକ୍ତଙ୍କ ମନରେ ପୁଣି ଏକ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ବିରଜା ମନ୍ଦିର ଟ୍ରଷ୍ଟି ତଥା ଉପଜିଲାପାଳ ନାରାୟଣଚନ୍ଦ୍ର ଧଳଙ୍କୁ ପଚାରିବାରେ, ଏହି ଘଟଣା ସମ୍ପର୍କରେ ସେ ସମ୍ପୂର୍ଣ୍ଣ ଅଜ୍ଞ। ମାତ୍ର ଏହି ଘଟଣା ତାଙ୍କ ଦୃଷ୍ଟିଗୋଚର ହେବାପରେ ସୋମବାର ମନ୍ଦିର ଗୁମାସ୍ତାଙ୍କୁ ଡାକି ଦାଗିଦ କରିବା ସହ ଘଟଣାକୁ ଗୁରୁତର ସହ ନେଇଥିବା କହିଛନ୍ତି। ଅପରପକ୍ଷେ ମନ୍ଦିରର ପୂଜକଙ୍କୁ ତୁରନ୍ତ ବହିଷ୍କାର କରିବା ପାଇଁ ବିରଜା ବାହିନୀ ସଦସ୍ୟ ଦାବି କରିଛନ୍ତି।

ମହିଳାଙ୍କ ତଣ୍ଟି କାଟି ହତ୍ୟା ଘଟଣା

## ଅଭିଯୁକ୍ତ ସ୍ୱାମୀଙ୍କୁ ଜେରା କଲା ପୋଲିସ

ବିଞ୍ଝାରପୁର,୨୯।୭(ଡି.ଏନ.ଏ)

ବିଞ୍ଝାରପୁର ଥାନା ବାଙ୍ଗରା ପଞ୍ଚାୟତ ଗୁଣ୍ଠୁରୀପଡ଼ା ଗ୍ରାମର ବିଲସାହିରେ ଗତ ୨୧ତାରିଖ ଘଟିଥିବା ରୀତା ଦଳାଇ ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ସ୍ୱାମୀ ଦିଗାମ୍ବର ଦଳାଇଙ୍କୁ ଶନିବାର ପୋଲିସ ଉତ୍ତରପ୍ରଦେଶ ରାଜ୍ୟର ସିକନ୍ଦରାବାଦରୁ ଗିରଫ କରିଥିଲା। ରବିବାର ବିଳମ୍ବିତ ରାତିରେ ପୋଲିସ ଦିଗାମ୍ବରଙ୍କୁ ଧରି ଓଡ଼ିଶାରେ ପହଞ୍ଚିବା ପରେ ଏହି ହତ୍ୟାକାଣ୍ଡ ଉପରୁ ଧୀରେଧୀରେ ପରଦା ହଟୁଛି। ତାଙ୍କୁ ସୋମବାର ଦିନତମାମ ମାରଥନ ଜେରା କରାଯିବା ସହ ଘଟଣାସ୍ଥଳକୁ ନିଆଯାଇ ଅଧିକ ତଦନ୍ତ କରାଯାଇଛି। ହତ୍ୟାକାଣ୍ଡ ସମ୍ପର୍କରେ ପୋଲିସ ଏ ପର୍ଯ୍ୟନ୍ତ ମୁହଁ ଖୋଲି ନ ଥିବାବେଳେ ରୀତାଙ୍କୁ ଅତି ବିଭତ୍ସ ଭାବେ ହତ୍ୟା କରାଯାଇଥିବା ଜଣାପଡ଼ିଛି। ବିଶେଷ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଦିଗାମ୍ବର ୨୧ ତାରିଖ ରାତିରେ ତାଙ୍କ ଘରେ ପହଞ୍ଚି ପୂର୍ବ ଯୋଜନା ମୁତାବକ ରୀତାଙ୍କ ମୁହଁରେ ତକିଆ ଚାପି ହତ୍ୟା କରିଥିଲେ। ଏହାପରେ ଘର ଓଳି କଡ଼କୁ ନେଇ ସେଠାରେ ଏକ ଧାରୁଆ ଛୁରୀରେ ତାଙ୍କ ଗଳା କାଟିଥିଲେ। ଏହା ଜଣାପଡିବା ପରେ ସୋମବାର ଦିଗାମ୍ବରଙ୍କୁ ପୋଲିସ ଘଟଣାସ୍ଥଳକୁ ନେଇ ଛାନଭିନ କରି ହତ୍ୟାକାଣ୍ଡରେ ବ୍ୟବହୃତ ହୋଇଥିବା ତକିଆକୁ ଜବତ କରିବା ସହିତ ହତ୍ୟାକାଣ୍ଡରେ ବ୍ୟବହୃତ ହୋଇଥିବା ଛୁରୀକୁ ସେ ଭୁବନେଶ୍ୱରରେ ପକାଇଥିବା ପୋଲିସ ସୁରାକ ପାଇଥିଲା। ଏହାପରେ ଅପରାହ୍ଣରେ ବିଞ୍ଝାରପୁର ଥାନାଧିକାରୀ ଶିବଚରଣ ବେହେରା ଦିଗାମ୍ବରଙ୍କୁ ନେଇ ଭୁବନେଶ୍ୱର ମାଷ୍ଟର କ୍ୟାଣ୍ଟିନସ୍ଥିତ ଏକ ଲଜ୍ କଡ଼ରୁ ହତ୍ୟାକାଣ୍ଡରେ ବ୍ୟବହୃତ ଛୁରୀକୁ ଜବତ କରିଥିବା ବିଶେଷ ସୂତ୍ରରୁ ଜଣାପଡିଛି। ଏହି ହତ୍ୟାକାଣ୍ଡ ସମ୍ପର୍କରେ ଆରକ୍ଷୀ ଅଧୀକ୍ଷକ ଚରଣ ସିଂହ ମୀନାଙ୍କୁ ପଚାରିବାରୁ, ଏହି ହତ୍ୟାକାଣ୍ଡ ଏକ ସମ୍ବେଦନଶୀଳ ଘଟଣା। ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ତଦନ୍ତ ଚାଲିଛି। ତଦନ୍ତ ସମ୍ପୂର୍ଣ୍ଣ ହେବା ପରେ ମଙ୍ଗଳବାର ଗଣମାଧ୍ୟମକୁ ସମସ୍ତ ସୂଚନା ପ୍ରଦାନ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି।



ଦିଗାମ୍ବର ଦଳାଇ

# ସହାୟତାର ହାତ ବଢ଼ାଇଲେ ସାମାଜିକ କର୍ମୀ

ରସୁଲପୁର,୨୯।୭(ଡିଏନଏ)



**୫ଦିନ ଭୋକ ଉପାସରେ ମା,ଝିଅ ରହିବା ଘଟଣା**

ରସୁଲପୁର ବ୍ଲକ ବ୍ରହ୍ମବରଦା ପଞ୍ଚାୟତର ପଠାନ ମହଲାରେ ବାସ କରୁଥିବା ୱାହେଦା ବାନେ ଓ ତାଙ୍କ ୧୨ ବର୍ଷର ଶିଶୁ କନ୍ୟା ୫ଦିନ ହେଲା ଭୋକ ଉପବାସରେ ଦିନ କାଟୁଥିଲେ। ଏ ସମ୍ପର୍କରେ ସୋମବାର ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ସରକାରୀ ଓ ବେସରକାରୀ ସ୍ତରରେ ତତ୍ପରତା ପ୍ରକାଶ ପାଇଛି। ପ୍ରଶାସନ ପହଞ୍ଚିବା ପୂର୍ବରୁ ନାରୀନେତ୍ରୀ ତଥା ମହିଳା ସ୍ୱୟଂସହାୟିକା ସଂଘର ସଭାନେତ୍ରୀ ଅହଲ୍ୟା ମଣ୍ଡଳ ଭୋକିଲା ମା, ଝିଅଙ୍କ ନିକଟରେ ପହଞ୍ଚି ଥିଲେ। ସେ ସଂଘ ପକ୍ଷରୁ ୫ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିବା ସହ ଶୁଖିଲା ଖାଦ୍ୟ ଓ ରାଶନ ସାମଗ୍ରୀ ପ୍ରଦାନ କରିଛନ୍ତି । ଏଥିସହ ୱାହେଦାଙ୍କୁ ସ୍ୱାବଲମ୍ବୀ କରିବା ଦିଗରେ ସେ ପ୍ରୟାସ କରିବେ ବୋଲି ପ୍ରକାଶ କରିଛନ୍ତି। ସଂଘ ପକ୍ଷରୁ ପରିବାରକୁ ସହାୟତା ପ୍ରଦାନ କରିବା ଓ ଝିଅର ପାଠପଢା ଦିଗରେ ଆବଶ୍ୟକ ପଦକ୍ଷେପ ନିଆଯିବାକୁ ଜିଲା ଦିବ୍ୟାଙ୍ଗ କମିଟି ସଭାପତି ମଞ୍ଜୁ ଦାସ ନିବେଦନ କରିଛନ୍ତି। ଏ ଦିଗରେ ସଂଘ ସହ ଆଲୋଚନା କରି ଯାହା କିଛି ନିଷ୍ପତି ନେବେ ବୋଲି ଅହଲ୍ୟା ପ୍ରକାଶ କରିଥିଲେ। ଏହାପରେ ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ ଯୋଜନା ପକ୍ଷରୁ ଏକ ୩ଜଣିଆ ଡାକ୍ତରୀ ଦଳ ଆସି ସେମାନଙ୍କ ନିକଟରେ ପହଞ୍ଚି ଥିଲା। ଆୟୁଷ ଡାକ୍ତର ବସନ୍ତ ପଣ୍ଡାଙ୍କ ନେତୃତ୍ୱରେ ସୋମ୍ୟା ପରିଜା, ଅବନିଶ ମଲ୍ଲିକ ପ୍ରମୁଖ ଉଭୟ ମା, ଝିଅଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ମାଗଣାରେ ଔଷଧ ପ୍ରଦାନ କରିଥିଲେ। ପରିବାରର ଉଭୟ ସଦସ୍ୟ ଖାଦ୍ୟ ଅଭାବ ଜନିତ ରୋଗର ଶିକାର ହୋଇଛନ୍ତି ବୋଲି ସ୍ୱାସ୍ଥ୍ୟ ପରୀକ୍ଷାରୁ ଜଣାପଡିଥିଲା । ଉକ୍ତ ଘଟଣା ସମ୍ପର୍କରେ ଯାଜପୁର ଜିଲାପାଳ ଅବଗତ ହୋଇଛନ୍ତି । ଏ ଦିଗରେ ତଦନ୍ତ କରାଯିବା ସହ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବା ପାଇଁ ଯାଜପୁର ଜିଲା ଶିଶୁ ସୁରକ୍ଷା ୟୁନିଟ୍‌କୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ସବୁ ସମସ୍ୟାର ମୂଳ କାରଣ ହେଉଛି ଆମେ ଧର୍ମ ଓ ଧାର୍ମିକ ବିଶ୍ୱାସଠାରୁ ଦୂରେଇ ଯାଉଛୁ।
-ପୁରୀ ଗଜପତି ଦିବ୍ୟସିଂହଦେବ



## ସଂକ୍ଷେପରେ

### ରାଜପଥ କଡ଼ରେ ବଢୁଛି ବେଆଇନ ପାର୍କିଂ

**ଧର୍ମଶାଳା,୨୯।୭(ଡି.ଏନ୍.ଏ.):** କେନ୍ଦୁଝର ଅଞ୍ଚଳରୁ ଟ୍ରକ୍ ଯୋଗେ ଲୁହାପଥର ଗୁଣ୍ଡ କିଛିଦିନ ହେବ ପାରାଦୀପରୁ ପରିବହନ କରାଯାଉଛି। ପ୍ରତ୍ୟହ ହଜାର ହଜାର ସଂଖ୍ୟାରେ ଲୁହାପଥର ଗୁଣ୍ଡ ଟ୍ରକ୍ ୧୬ନମ୍ବର ଜାତୀୟ ରାଜପଥ ଓ ୫୩ ନମ୍ବର ଜାତୀୟ ରାଜପଥ ଦେଇ ପାରାଦୀପ ଯାଉଛି। ଅପରପକ୍ଷେ ଟ୍ରକ୍ ଡ୍ରାଇଭରମାନେ ନିର୍ଦ୍ଦିଷ୍ଟ ପାର୍କିଂ ସ୍ଥାନରେ ଗାଡି ନ ରଖି ବେଆଇନଭାବେ ରାସ୍ତାକଡ଼ରେ ଗାଡି ପାର୍କିଂ କରୁଛନ୍ତି। ବିଶେଷକରି ଧର୍ମଶାଳା ଥାନା ଅଧୀନ ୧୬ନଂ ଜାତୀୟ ରାଜପଥର ବାରବାଟୀଠାରୁ ଚଣ୍ଡିଖୋଲ ପର୍ଯ୍ୟନ୍ତ ରାସ୍ତା ପ୍ରସସ୍ତୀକରଣ କାର୍ଯ୍ୟଚାଲୁଥିବା ବେଳେ ବିଭିନ୍ନ ସ୍ଥାନରେ ଟ୍ରକ୍‌ଗୁଡିକ ରାସ୍ତା କଡ଼ରେ ଅଟକି ରହିବା ଫଳରେ ଅନ୍ୟଗାଡି ଗୁଡିକ ଯାତାୟରେ ବାଧା ସୃଷ୍ଟି ହେଉଛି। ଟ୍ରକ୍ ଡ୍ରଇଭମାନେ ମଧ ଅତ୍ୟଧିକ ଗତିରେ ଗାଡି ଚଲାଉଥିବାରୁ ଅନେକ ସମୟରେ ଦୁର୍ଘଟଣା ଘଟି ଧନଜୀବନହାନୀ ହେଉଛି। ଏହିଭଳି ବେଆଇନ ଭାବେ ପାର୍କିଂ କରିବା ଓ ଅଧୀକ ବେଗରେ ଗାଡି ଚଳାଉଥିବା ଡ୍ରାଇଭର ଉପରେ ଅଙ୍କୁଶ ଲଗାଇବା ଦିଗରେ ଜିଲାପାଳ ଓ ଏସ୍‌ପି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

### ଟାଟାଙ୍କ ୧୧୫ତମ ଜନ୍ମ ବାର୍ଷିକୀ ପାଳିତ

**କଳିଙ୍ଗନଗର,୨୯।୭(ଡି.ଏନ୍.ଏ):** କଳିଙ୍ଗନଗର ଟାଟା ଷ୍ଟିଲ ପକ୍ଷରୁ ସୋମବାର ଭାରତରତ୍ନ ଜେ.ଆର୍.ଡି ଟାଟାଙ୍କ ୧୧୫ତମ ଜନ୍ମବାର୍ଷିକୀ ପାଳିତ ହୋଇଯାଇଛି। କମ୍ପାନୀ ସାଧାରଣ କାର୍ଯ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଟାଟା ଷ୍ଟିଲ କଳିଙ୍ଗନଗର ଅଧିକାରୀ ଓ କର୍ମଚାରୀ ପୁଷ୍ପଗୁଚ୍ଛ ଦେଇ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ। ଏହି ଅବସରରେ ଟାଟା ଷ୍ଟିଲ ପକ୍ଷରୁ ଛାତ୍ରୀଛାତ୍ରଙ୍କ ମଧରେ ଆନ୍ତଃବିଦ୍ୟାଳୟ କୁଇଜ୍ ପ୍ରତିଯୋଗିତା ଓ ବୃକ୍ଷରୋପଣ କାର୍ଯ୍ୟକ୍ରମର କରାଯାଇଥିଲା। ଉକ୍ତ ପ୍ରତିଯୋଗିତାରେ ସେଣ୍ଟମେରୀ ବିଦ୍ୟାଳୟର ଅକ୍ସତ ଚନ୍ଦୱାର୍ ଓ ଏକନାଥ ବାବାଙ୍କ ଟିମ୍‌କୁ ବିଜେତା ଘୋଷିତ କରାଯାଇଥିଲା। ସେହିପରି ଗ୍ଲୋରିୟସ୍ ଇଂଲିଶ ମାଧମ ବିଦ୍ୟାଳୟର ଚିରଞ୍ଜନ ସରଦାର ଓ ଅବନ୍ତିକା ବେହେରା ଦ୍ୱିତୀୟ ଏବଂ ସ୍ୱପ୍ନା ସ୍ୱାଗତିକା ଧଳ ଓ ଆକାଶ ସାହୁଙ୍କ ଦଳ ତୃତୀୟ ସ୍ଥାନ ଅଧିକାର କରିଛି। ଏହି ଅବସରରେ ଟାଟା ଷ୍ଟିଲ କଳିଙ୍ଗନଗର କର୍ପୋରେଟ ସର୍ଭିସେସ୍ ବଭାଗ ମହାପ୍ରବନ୍ଧକ ଆର ଆର ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଜେତାଙ୍କୁ ପୁରସ୍କୃତ କରିଥିଲେ।

### ଦ୍ରବ୍ୟ, ସେବାକର ସମ୍ପର୍କିତ ଆଲୋଚନାଚକ୍ର

**ଯାଜପୁର ରୋଡ,୨୯।୭(ନି.ପ୍ର.):** ବ୍ୟାସନଗର ସ୍ୱଂୟ ଶାସିତ ମହାବିଦ୍ୟାଳୟ ପରିସରରେ ରବିବାର ଜିଲା ବାଣିଜ୍ୟ ବିଭାଗ ଭୁବନେଶ୍ୱର ଚାପ୍ଟର ମିଳିତ ଆନୁକୂଲ୍ୟରେ ଦ୍ରବ୍ୟ ଓ ସେବାକର ସମ୍ପର୍କରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଆଲୋଚନାଚକ୍ରକୁ ମହାବିଦ୍ୟାଳୟ ଅଧକ୍ଷ ମେଜର ଶେଖ୍ ଆବୁତାର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ କୋରେଇ ବିଧାୟକ ଅଶୋକ କୁମାର ବଳ , ଓଡ଼ିଶା ରାଜ୍ୟ ଆଇସିଏଆଇର ଚେୟାରମ୍ୟାନ୍ ଶକ୍ତିଧର ସିଂ, ଓସିଏର ସଭାପତି ପ୍ରଫେସର ପ୍ରବୋଧ କୁମାର ହୋତା, ଅବସରପ୍ରାପ୍ତ ପ୍ରଧାପକ (ରେଭେନ୍ସା ୟୁନିଭରସିଟି) ମଳୟ କୁମାର ମହାନ୍ତି, ଯାଜପୁର ଜିଲା ଟ୍ୟାକ୍ସ ବାର ଆସୋସିଏଶନର ସଭାପତି ବିବେକାନନ୍ଦ ମହାନ୍ତି, ଅବସରପ୍ରାପ୍ତ ପ୍ରଫେସର ଅରୁଣ କୁମାର ବାରିକ୍ ପ୍ରମୁଖ ମଧ ଯୋଗ ଦେଇଥିଲେ। ବାଣିଜ୍ୟ ବିଭାଗର ମୁଖ୍ୟ ସୁଧାଂଶୁ ଶେଖର ମିଶ୍ର କାର୍ଯ୍ୟ ପରିଚାଳନା କରିଥିଲେ। ଦ୍ୱିତୀୟ ଅଧୀବେଶନର ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଶିକ୍ଷା ଓ ଅନୁସନ୍ଧାନର ପ୍ରଫେସର ପ୍ରଫୁଲ୍ଲ କୁମାର ସ୍ୱାଇଁ, ସିଏମ୍‌ଏ ଶିବପ୍ରସାଦ ପାଢୀ, ପ୍ରଫେସର ମୁକେଶ ଚୌବେ ପ୍ରମୁଖ ଯୋଗଦେଇ ଥିଲେ। ଏହି ଅବସରରେ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ଅରୁଣ ମାଝୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସେହିପରି ବିଧାୟକ ଅଶୋକ ବଳଙ୍କୁ ଯାଜପୁର ଜିଲା ବାଣିଜ୍ୟ ଆଲୋଚନା ତଥା ସେମିନାର ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧାପକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଗୌରାଙ୍ଗ ଚରଣ ମଲ୍ଲିକ, ସୁଜାତା ହୋତା, ବିନୋଦ ବିହାରୀ ସାହୁ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ସୁଧାଂଶୁ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ମେସ୍କୋ ଷ୍ଟିଲ ଖଣି ବନ୍ଦ ମାମଲା

# ଜରିମାନା ଅର୍ଥ ନ ଦେଇ ଶ୍ରମିକଙ୍କୁ ଢାଲ

**ଯାଜପୁର ଅଫିସ,୨୯।୭**

ଖଣି ଦୁର୍ନୀତି ମାମଲା ଉପରେ ସୁପ୍ରିମକୋର୍ଟରେ ୧୧୪/୨୦୧୪ରେ ଏକ ଜନସ୍ୱାର୍ଥ ମାମଲା ରୁଜୁ ହୋଇଥିଲା। ଏହି ମାମଲା ଉପରେ ଶୁଣାଣି କରି ସୁପ୍ରିମକୋର୍ଟ ସମ୍ପୃକ୍ତ ଖଣି ମାଲିକଙ୍କ ନାମରେ କୋଟିକୋଟି ଟଙ୍କାର ଜୋରିମାନା ସହିତ ଖଣି ବନ୍ଦ କରିବାକୁ ନିର୍ଦ୍ଦେଶ ଜାରି କରିଥିଲେ। ଏହିକ୍ରମରେ ମେସ୍କୋ ଷ୍ଟିଲର ଯୋଡା ଖଣି ମଣ୍ଡଳରେ ଥିବା ଏକ ଲୁହାପଥର ଖଣି ଉପରେ ପ୍ରାୟ ୯୨୪.୭୫ କୋଟି ଜରିମାନା ଆଦାୟ କରିବାକୁ ସୁପ୍ରିମକୋର୍ଟ ପକ୍ଷରୁ ରାୟ ପ୍ରକାଶ ପାଇଥିଲା । ତେବେ ମେସ୍କୋ ଷ୍ଟିଲ ଉପରୋକ୍ତ ଜୋରିମାନା ଦାଖଲ କରି ନ ପାରିବାରୁ ଖଣି ବନ୍ଦ ପଡିଛି । ଏବେ ସରକାର ଜରିମାନା ଅର୍ଥ ଆଦାୟ କରିବାକୁ କେନ୍ଦୁଝର ଜିଲାପାଳଙ୍କ କାର୍ଯ୍ୟାଳୟରେ ସାର୍ଟିଫିକେଟ ମାମଲା ରୁଜୁ ହୋଇଛି। କଞ୍ଚାମାଲ ଅଭାବରୁ କଳିଙ୍ଗନଗର ମେସ୍କୋ ଷ୍ଟିଲ କାରଖାନା ସମେତ ମଇଥାନ ଇସ୍ପାତ ଦୁର୍ଦ୍ଦିନରେ ଗତି କରୁଛି। ଖଣିରୁ ବେଆଇନ ଉତ୍ତୋଳନ କରି ବାର୍ଷିକ ହଜାର ହଜାର କୋଟି ଟଙ୍କା ମୁନାଫା କରିଥିବା ମେସ୍କୋ ମାଲିକ ଏବେ ଶ୍ରମିକଙ୍କୁ ଢାଲ କରିଛନ୍ତି । ଏନେଇ ସୁପ୍ରିମକୋର୍ଟରେ ଅନ୍ତରୀଣ ଆବେଦନ(ଆଇଏ) ଦାଖଲ କରିବାକୁ ମେସ୍କୋ ଶ୍ରମିକ ଓ କର୍ମଚାରୀଙ୍କ ଦସ୍ତଖତ ଅଭିଯାନ ଚଳାଇଥିବା ସୂଚନା ମିଳିଛି । ୨୦୦୦ରୁ ୨୦୧୦ ମସିହା ଯାଏ ଖଣିଜ ସମ୍ପଦକୁ ବେଆଇନ ଭାବେ ଉତ୍ତୋଳନ କରି ଖଣିସଂସ୍ଥାଗୁଡ଼ିକ ପ୍ରଚୁର ଲାଭବାନ ହୋଇଛନ୍ତି। ସେତେବେଳେ ଏମାନଙ୍କ ଲାଭାଂଶ ରାଜ୍ୟର ବାର୍ଷିକ ବଜେଟ ସହ ପ୍ରାୟ ସମାନ ଥିଲା ବୋଲି କୁହାଯାଉଛି। ପରିବେଶ ମଂଜୁରୀ ଆଇନ, ୧୯୮୦ ମସିହା ଜଙ୍ଗଲ ସଂରକ୍ଷଣ ଆଇନ, ୨୧(୫) ମାଇନିଂ ରୁଲ ଏମ୍‌ଏମ୍‌ଡିଆର ଓ ଏମ୍‌ସିଆର୍ ନିୟମର ଉଲ୍ଲଂଘନ କରି ଲିଜଧାରୀମାନେ ବ୍ୟାପକ ଲୁହାପଥର ଉତ୍ତୋଳନ କରି ବାହାରକୁ ରପ୍ତାନୀ କରିଥିଲେ। ଏଥିଯୋଗୁ ସରକାରଙ୍କର ହଜାର ହଜାର କୋଟି ଟଙ୍କା ରାଜସ୍ୱହାନୀ ହୋଇଥିଲା। ଏନେଇ ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସୁପ୍ରିମକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ କରିଥିଲା। ଏହି ମାମଲାର





■ଉତ୍ତୋଳିତ କଞ୍ଚାମାଲ ଦେବାକୁ ନିବେଦନ
■ଆରମ୍ଭ ହେଲା ଦସ୍ତଖତ ଅଭିଯାନ

ଶୁଣାଣି କରି ବେଆଇନ ଉତ୍ତୋଳନ ଖଣି ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବା ପରେ ଏକାଧିକ ଖଣି ବନ୍ଦ ହୋଇଥିଲା। ଏହିକ୍ରମରେ ଯୋଡା ଅଞ୍ଚଳରେ ମେସ୍କୋ ଷ୍ଟିଲର ମଧ ଏକ ଖଣି ରହିଛି। ଏହି ଖଣି ଲିଜ ବନ୍ଦ ହେବା ପରେ ମେସ୍କୋ ଷ୍ଟିଲ କାରଖାନାରେ କଞ୍ଚାମାଲର ଅଭାବ ଦେଖାଦେଇଛି। ପ୍ରାୟ ୨ବର୍ଷ ତଳେ ୧୨ଶହ କୋଟି ଟଙ୍କାରେ ମଇଥାନ ଇସ୍ପାତକୁ କିଣିବା ପରେ ମେସ୍କୋ ଉପରେ ଅଧିକ ବୋଝ ଲଦି ହୋଇଛି। ଗତ ୪ମାସ ହେଲା ମଇଥାନ ଇସ୍ପାତ କାରଖାନା ମଧ ବନ୍ଦ ପଡିଛି। ଏଭଳି ସ୍ଥିତିରେ ମେସ୍କୋ କାରଖାନା ଜରିମାନା ଅର୍ଥ ପଇଠ ନ କରି ଶ୍ରମିକ ଓ କର୍ମଚାରୀଙ୍କ ଦସ୍ତଖତ ଅଭିଯାନ ଚଳାଇ ବିପଦରୁ ମୁକୁଳିବାକୁ ଉଦ୍ୟମ ଆରମ୍ଭ କରିଛି। ଶ୍ରମିକ ଓ କର୍ମଚାରୀଙ୍କ ଦସ୍ତଖତ ଅଭିଯାନରେ ସୁପ୍ରିମକୋର୍ଟକୁ ପ୍ରାର୍ଥନା କରାଯାଇଛି । ଖଣି ବନ୍ଦ କରିବା ପୂର୍ବରୁ ଉତ୍ତୋଳନ ହୋଇଥିବା ଲୁହାପଥର କମ୍ପାନୀ ଆଣିବାକୁ ଅନୁମତି ଦିଆଯିବା ସହିତ ଲିଜ ଅବଧି ୩୧।୩।୨୦୧୨ ପର୍ଯ୍ୟନ୍ତ ଖଣି ଚଳାଇବାକୁ ଅନୁମତି ଦିଆଯାଉ ବୋଲି ପ୍ରାର୍ଥନା କରାଯାଇଛି। ଏଥିରେ ମେସ୍କୋ କମ୍ପାନୀ କର୍ତ୍ତୃପକ୍ଷ ସଫଳ ହେଲେ କମ୍ପାନୀରେ ନିୟମିତ ଭାବେ କାର୍ଯ୍ୟରତ ୫୦୦ରୁ ଊର୍ଦ୍ଧ୍ୱ କର୍ମଚାରୀ ଏବଂ ଠିକାଶ୍ରମିକ ପ୍ରାୟ ୩୬୦ ଜଣଙ୍କ ପରିବାରବର୍ଗ ଉପକୃତ ହେବେ। ରାଜ୍ୟ ସରକାର ଉଚିତ ସମୟରେ ଆବଶ୍ୟକ ତଦାରଖ ବ୍ୟବସ୍ଥା ଗ୍ରହଣ କରି ବେଆଇନ ଉତ୍ତୋଳନ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ ଏଭଳି ସମସ୍ୟାର ସମ୍ମୁଖୀନ ହେବାକୁ ପଡି ନ ଥାନ୍ତା । ଏଥିରେ ଖଣି, ଜଙ୍ଗଲ ଓ ପ୍ରଶାସନିକ ଅସାଧୁ କର୍ମଚାରୀ ସମେତ ଖଣି ମାଲିକମାନେ ମାଲାମାଲ ହୋଇଥିବାବେଳେ ଶ୍ରମିକଙ୍କ ଜୀବନଜୀବିକା ସଂକଟରେ ପଡିଛି ବୋଲି ମତପ୍ରକାଶ ପାଉଛି। ଏ ସଂକ୍ରାନ୍ତରେ ମେସ୍କୋ କାରଖାନାର ସିଇଓ ଦିଗାମ୍ବର ପଣ୍ଡାଙ୍କୁ ପଚାରିବାରେ, ଖଣି ସମ୍ପର୍କରେ ସେ କିଛି କହି ପାରିବେ ନାହିଁ । ସୁପ୍ରିମକୋର୍ଟରେ ଅନ୍ତରୀଣ ଆବେଦନ ଉପରେ ମଧ ସେ କିଛି ଜାଣି ନାହାନ୍ତି ବୋଲି କହିଛନ୍ତି।

### ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ବିଧାୟକଙ୍କୁ ସମ୍ବର୍ଦ୍ଧନା

**ଚଢ଼େଇଧରା,୨୯।୭(ଡି.ଏନ୍.ଏ.)**

ଚଣ୍ଡିଖୋଲ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ରବିବାର ଧର୍ମଶାଳା ବ୍ଲକ ଅନ୍ତର୍ଗତ ବରଡ଼ା ଛକସ୍ଥିତ ବେହେରା ମାର୍କେଟ କମ୍ପ୍ଲେକ୍ସରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ସଭାପତି ଶେଷଦେବ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ଧର୍ମଶାଳା ବିଧାୟକ ତଥା ସରକାରୀ ଦଳ ଉପମୁଖ୍ୟ ସଚେତକ ପ୍ରଣବ କୁମାର ବଳବନ୍ତରାୟ ଯୋଗଦେଇଥିଲେ। ସମ୍ମାନୀୟ ଅତିଥି ଭାବେ ବଡ଼ଚଣା ଥାନାଧିକାରୀ ଦୀପକ କୁମାର ଜେନା ଯୋଗଦେଇଥିଲେ। ଏହି ଅବସରରେ ବରିଷ୍ଠ ନାଗରିତ ମଞ୍ଚ ତରଫରୁ ଅତିଥିଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଦିଆଯାଇଥିଲା। ସମ୍ପାଦକ ହେମନ୍ତ ସାମଲ ବିବରଣୀ ପାଠ କରିଥିଲେ। ନିତ୍ୟାନନ୍ଦ ବେହେରା, ସନ୍ତୋଷ ବିଶ୍ୱାଳ, ଅମାତରୁ ନାୟକ, ଚିତ୍ତ ମହାପାତ୍ର, ନିରଞ୍ଜନ ବେହେରା, ଈଶ୍ୱର ସାମଲ, ସୁଲଭ ସାମଲ, ଲକ୍ଷ୍ମୀଧର ସାହାଣୀ ଓ ଦୁଃଖିଶ୍ୟାମ ସାହୁ ପ୍ରମୁଖ ଉପସ୍ଥିତଥିଲେ। ଏହି ସଭାରେ ୧୫୦ରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକ ଯୋଗଦେଇଥିଲେ। ପ୍ରତିବର୍ଷ ଏହି ସମ୍ବର୍ଦ୍ଧନା ସଭା କରାଯିବ ବୋଲି ମଞ୍ଚ ତରଫରୁ କୁହାଯାଇଛି।

## ■ଅପହରଣ ପରେ ହତ୍ୟା ଧମକ

# ଏସ୍‌ପିଙ୍କୁ ଭେଟିଲେ ଯୁବକ

**କୋରେଇ, ୨୯।୭(ସ୍ୱ.ପ୍ର.)**

ବିଞ୍ଝାରପୁର ଥାନା ଅନ୍ତର୍ଗତ ରଣପୁର ଗ୍ରାମର ଜଣେ ଯୁବକଙ୍କୁ ୨୪ ତାରିଖରେ ଅପହରଣ କରି ଦୁର୍ବୃତ୍ତମାନେ ମାଡ଼ ମାରିଥିଲେ। ଏ ନେଇ ଯୁବକଙ୍କ ମା’ ଥାନାରେ ଅଭିଯୋଗ କରିବା ପରେ ଦୁର୍ବୃତ୍ତମାନେ ତାଙ୍କୁ ଭୟରେ ଛାଡି ଦେଇଥିଲେ। ଏହାସହ ଥାନାରେ ଦେଇଥିବା କେସ୍ ନ ଉଠାଇଲେ ପୁଅକୁ ମାରିଦେବେ ବୋଲି ଧମକ ଦେଇଥିଲେ। ଏ ନେଇ ଯୁବକ ଜଣଙ୍କ ଥାନାରେ ଅଭିଯୋଗ କରିଥିଲେ। ଏ ଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ସୋମବାର ସେ ଜିଲା ଆରକ୍ଷୀ ଅଧିକ୍ଷକଙ୍କୁ ଭେଟି ନ୍ୟାୟ ଭିକ୍ଷା କରିଛନ୍ତି।

ବିଞ୍ଝାରପୁର ଥାନା ଅନ୍ତର୍ଗତ ରଣପୁର ଗ୍ରାମର ମାନସ ଜେନା(୩୩) ଇଟା ବ୍ୟବସାୟ କରନ୍ତି। ଚାରି ମାସ ତଳେ ତାଙ୍କଠାରୁ ଇଟା କିଣିବା ପାଇଁ ବିଞ୍ଝାରପୁର





ଗ୍ରାମର ରବୀନ୍ଦ୍ର ବେହେରା ଓ ପ୍ରକାଶ ସାହୁ ୨ ଲକ୍ଷ ୭୫ ହଜାର ଟଙ୍କା ଅଗ୍ରିମ ଦେଇଥିଲେ। ମାତ୍ର ମାନସ ଇଟା ଦେଇ ନ ପାରିବାରୁ ଟଙ୍କା ଫେରାଇବା ପାଇଁ ଦୁଇ ମାସ ସମୟ ମାଗିଥିଲେ। କିନ୍ତୁ ଗତ ୨୪ ତାରିଖରେ ସିଲୁ ନାମକ ଜଣେ ବ୍ୟକ୍ତିଙ୍କର ଛାତ ପଡୁଥିବାରୁ ଭୋଜି ଖାଇବା ଲାଗି ରବୀନ୍ଦ୍ର ଓ ପ୍ରକାଶ ମାନସଙ୍କୁ ଘରୁ ଡାକି ନେଇଥିଲେ। ହେଲେ ଭୋଜି ସରିବାପରେ ପ୍ରକାଶ ଓ ରବୀନ୍ଦ୍ର ମିଶି ମାନସଙ୍କୁ ଜୋରଜବରଦସ୍ତ ଏକ କାରରେ ନେଇ ସୟଦପୁରସ୍ଥିତ ଆରଆଣ୍ଡବି ବଙ୍ଗଳାରେ ରଖି ରାତି ସାରା ମାଡ଼ମାରିଥିଲେ। ଏହିପରି ଭାବେ ୪ ଦିନ ବିଭିନ୍ନ ସ୍ଥାନରେ ରଖି ତାଙ୍କୁ ନିର୍ଯାତନା ଦେବା ସହିତ ଘରକୁ ଫୋନ କରି ଟଙ୍କା ଦେବାକୁ ଧମକାଇଥିଲେ। ଏପରିକି ଟଙ୍କା ନ ମିଳିଲେ ଜୀବନରୁ ମାରି ଦେବେ ବୋଲି କହିଥିଲେ। ଏ ସଂକ୍ରାନ୍ତରେ ମାନସଙ୍କ ମା’ ରମାମଣୀ ୨୭ ତାରିଖ ଶନିବାର ବିଞ୍ଝାରପୁର ଥାନାରେ ଅଭିଯୋଗ ପରେ ଅଭିଯୁକ୍ତମାନେ ମାନସଙ୍କୁ ସେହିଦିନ ରାତିରେ ଯାଜପୁର ଟାଉନ ରେଡ୍‌କ୍ରସ ଛକରେ ଛାଡ଼ି ଦେଇଥିଲେ। ୨୮ ତାରିଖରେ ସିଲୁ ରମାମଣୀଙ୍କ ନିକଟକୁ ଆସି ଥାନାରୁ ଅଭିଯୋଗ ଫେରାଇ ଆଣିବାକୁ କହିଥିଲେ। ଏହା ନ କଲେ ପରିଣତି ଭୟଙ୍କର ହେବ ବୋଲି କହିଥିଲେ। ଏ ସମ୍ପର୍କରେ ମାନସ ଭୟରେ ଥାନାରେ ଜଣାଇଥିଲେ ମଧ ପୋଲିସ ଅଭିଯୋଗ ଗ୍ରହଣ କରି ନ ଥିବା କହିଛନ୍ତି।

### ସୌରିକ ହାଇସ୍କୁଲରେ ଚାରାରୋପଣ

**କାଳିଆପାଣି,୨୯।୭(ଡି.ଏନ୍.ଏ.)**

କାଳିଆପାଣି ପୋଲିସ ପକ୍ଷରୁ ଖଣି ଅଞ୍ଚଳର ସୌରିକ ହାଇସ୍କୁଲଠାରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଟାଟାଷ୍ଟିଲ ସହାୟତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କାଳିଆପାଣି ଥାନାଧିକାରୀ ରମାକାନ୍ତ ମୁଦୁଲି ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହ ଅବସରରେ ସ୍କୁଲ ପରିସରରେ ଆମ୍ବ, ପଣସ, ପିଜୁଳି, ଲେମ୍ବୁ, ଲିଚୁ ପ୍ରଭୃତି ବିଭିନ୍ନ କିସମର ଚାରାରୋପଣ କରାଯାଇଥିଲା। ସ୍କୁଲର ଶିକ୍ଷୟତ୍ରୀ ଶିକ୍ଷକ, ଛାତ୍ରୀଛାତ୍ର ଟାଟାର ବରିଷ୍ଠ ଅଧିକାରୀ ଯୋଗଦେଇ ବୃକ୍ଷରୋପଣ କରିଥିଲେ। ଥାନା ପକ୍ଷରୁ ଏସ୍‌ଆଇ ବିଭୂତି ମହାପାତ୍ର, ଏଏସ୍‌ଆଇ ବିଜୟ କୁମାର ସାହୁ, ରଞ୍ଜିତା ସାମଲ ପ୍ରମୁଖ ସହଯୋଗ କରିଥିଲେ।

## ୫ କେଜି ଗଞ୍ଜେଇ ଜବତ, ୨ ଗିରଫ



ଜବତ ଗଞ୍ଜେଇ ସହ ୨ ଅଭିଯୁକ୍ତ।

**ଯାଜପୁର ରୋଡ,୨୯।୭(ନି.ପ୍ର.)**

ଯାଜପୁରରୋଡ ପୋଲିସ ସୋମବାର ସକାଳେ ସ୍ଥାନୀୟ ଗୋପବନ୍ଧୁ ଛକରେ ଥିବା ଏକ ପାନ ଦୋକାନ ଉପରେ ଚଢାଉ କରି ୫ କେଜି ଗଞ୍ଜେଇ ଜବତ କରିବା ସହିତ ୨ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଭଟିଆ ଗ୍ରାମର ସନାତନ ମାଝି ଓ ପାଣିକୋଇଲି ଥାନା ଅର୍ନ୍ତଗତ ପଥରପଦା ଗ୍ରାମର ବସନ୍ତ ବେହେରା। ଏ ନେଇ ପୋଲିସ ଏକ ମାମଲା (ନଂ ୨୧୩/୧୯) ରୁଜୁକରି ଉଭୟଙ୍କୁ ଯାଜପୁରରୋଡ କୋର୍ଟ ଚାଲାଣ କରିଛି। ପ୍ରକାଶ ଯେ, ସନାତନ ଦୋକାନରେ ଗଞ୍ଜେଇ ବିକ୍ରି କରୁଥିବା ଖବର ପାଇ ଯାଜପୁର ରୋଡ ଥାନାଧିକାରୀ ଅନୀଲ କୁମାର ମହାନ୍ତି ଓ ଏସ୍‌ଆଇ ପବିତ୍ର ମହାରଣା ଚଢାଉ କରିଥିଲେ। ଏହି ସମୟରେ ବସନ୍ତ ୫ କେଜି ଗଞ୍ଜେଇ ଆଣି ସନାତନଙ୍କୁ ଦେଉଥିବା ବେଳେ ଉଭୟଙ୍କୁ ପୋଲିସ କାବୁ କରିଥିଲା।

## କଲେଜ ମାଟିରେ ପ୍ରଥମ ଦିନ

# ଅନୁଭୂତି ବଖାଣିଲେ ଛାତ୍ରୀଛାତ୍ର

ଉଚ୍ଚମାଧମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ୨ କଲେଜଗୁଡିକରେ ସୋମବାରଠାରୁ ପାଠପଢା ଆରମ୍ଭ ହୋଇଛି। ଧର୍ମଶାଳା ବ୍ଲକ ୬ ଯୁକ୍ତ ୨ କଲେଜର କଳା ଓ ବିଜ୍ଞାନରେ ସର୍ବାଧିକ ନମ୍ବର ରଖି ନାମଲେଖାଇ ଥିବା ଛାତ୍ରୀଛାତ୍ର ମାନଙ୍କର କଲେଜ ଜୀବନର ପ୍ରଥମ ଦିନର ଅନୁଭୂତିକୁ ନେଇ ବଟକୃଷ୍ଣ ପରିଡାଙ୍କ ଏହି ସ୍ୱତନ୍ତ୍ର ଉପସ୍ଥାପନା।

“କଲେଜରେ ପହଞ୍ଚିବା ପରେ ଟିକେ ଭୟ ଲାଗୁଥିଲା। ମାତ୍ର କିଛି ଚିହ୍ନା ବଡ଼ ଭଉଣୀମାନେ ମୋତେ ନୋଟିସ୍ ବୋର୍ଡ, କ୍ଲାସରୁମ୍, ଟାଇମଟେବୁଲ ବିଷୟରେ ଅବଗତ କରାଇଥିଲେ। ପରେ କେଉଁଠାରେ କେଉଁ କ୍ଲାସ ହେବ ସେ ସମ୍ପର୍କରେ ମୋର ପୁରୁଣା ଓ ନୂଆ ସାଙ୍ଗମାନଙ୍କୁ ପଚାରି ବୁଝିଥିଲି। କଲେଜ ପରିବେଶ ବହୁତ ସୁନ୍ଦର ଓ ଶାନ୍ତ ଲାଗିଲା। ସବୁ ବିଷୟରେ ବୁଝିସାରିବା ପରେ ଅନେକ ସାର୍‌ଙ୍କ ସହିତ କଥା ହେଲି। ମୁଁ ସର୍ବୋଚ୍ଚ କ୍ଲାସରେ ୪୪୫ ମାର୍କ ରଖି ଥିବାରୁ ସାରମାନେ ଶୁଭେଚ୍ଛା ଜଣାଇଥିଲେ। ସର୍ବୋପରି ଆଜିର ଦିନ ମୋ ପାଇଁ ସ୍ମରଣୀୟ ହୋଇ ରହିବ।



**–ତପସ୍ୱିନୀ ନାୟକ(କଳା ଛାତ୍ରୀ)**

“ଧର୍ମଶାଳା ମହାବିଦ୍ୟାଳୟ ଏକ ଆଦର୍ଶ କଲେଜ। ଏହି କଲେଜରୁ ପ୍ରତିବର୍ଷ ଉତ୍କଳ ବିଶ୍ୱ ବିଦ୍ୟାଳୟ ସ୍ତରରେ ଜଣେ ଛାତ୍ର ଟପ୍ପର୍ ହୋଇଛନ୍ତି। ମୁଁ ମାଟ୍ରିକ୍ ପରୀକ୍ଷାରେ ୪୯୭ ମାର୍କ ରଖି ଏଠାରେ ବିଜ୍ଞାନରେ ନାମ ଲେଖାଇବାକୁ ଉଚିତ ମଣିଛି। ପ୍ରଥମ ଦିନ ପ୍ରଥମ କ୍ଲାସରେ କେମେଷ୍ଟ୍ରି ଅଧ୍ୟାପକ ଜୟନ୍ତ ସାହୁ ଆମ୍ଭମାନଙ୍କୁ ପ୍ରଥମେ ପରିଚୟ କରାଇଥିଲେ। ମୁଁ ସର୍ବୋଚ୍ଚ ନମ୍ବର ରଖିଥିବାରୁ ମୋର ସହପାଠୀମାନେ ଟେବୁଲ ବାଡେଇ ସ୍ୱାଗତ ଜଣାଇବା ମୋତେ ବହୁତ ଆନନ୍ଦ ଦେଇଥିଲା। ଏହାପରେ ସହପାଠୀ ମାନଙ୍କ ସହ ପରିଚିତ ହୋଇଥିଲି। ପ୍ରଥମ ଦିନରେ ସାରମାନେ ଦେଇଥିବା ଉପଦେଶ କାର୍ଯ୍ୟକାରୀ କରିବା ପାଇଁ ମୁଁ ଶପଥ ନେଇଛି।



**– ମୋନାଲି ସାହୁ(ବିଜ୍ଞାନଛାତ୍ରୀ)**

“ମାଟ୍ରିକ୍ ପରୀକ୍ଷାରେ ୪୬୩ ମାର୍କ ରଖି ମଧ ଧର୍ମଶାଳା ମହାବିଦ୍ୟାଳୟରେ ନାମ ଲେଖାଇଥିବାରୁ ବାଣିଜ୍ୟ ବିଭାଗ ଅଧାପକମାନେ ମୋତେ ଶୁଭେଚ୍ଛା ଜଣାଇଥିଲେ। ପ୍ରଥମ ଦିନରେ ନୂତନ ସାଙ୍ଗମାନଙ୍କ ସହିତ ମିଶିବାର ସୁଯୋଗ ପାଇଥିଲି। ବିଭାଗୀୟ ଅଧାପକମାନେ ଉତ୍ତମ ଛାତ୍ର ସହ ଭଲ ପାଠ ପଢିବା ପାଇଁ ପରାମର୍ଶ ଦେଲେ। ଦେଉଳି ପାହାଡ ପାଦଦେଶରେ ପ୍ରତିଷ୍ଠିତ କଲେଜର ପରିବେଶ ବହୁତ ଆନନ୍ଦ ଦେଇଛି। ଶିକ୍ଷାଦାନ କ୍ଷେତ୍ରରେ କଲେଜରେ ଉନ୍ନତ ଧରଣର ପାଠପଢା ହେଉଥିବାରୁ ଏଠାରେ ନାମ ଲେଖାଇ ପାଠ ପଢିବା ପାଇଁ ଉଚିତ ମନେ କରିଛି।



**–ଆକାଶ କୁମାର ସାହୁ(ବାଣିଜ୍ୟ ଛାତ୍ର)**

“ବଜ୍ରଗିରି କଲେଜଟି ବକୁଳ ବନପରି ଶୋଭା ବର୍ଦ୍ଧନ କରୁଛି। ପ୍ରଥମ ଦିନରେ କଲେଜ ଯାଇ ଅଧକ୍ଷ, ଅଧାପିକା ଓ ଅଧାପକଙ୍କ ସହିତ ପରିଚିତ ହୋଇଥିଲି। ମାଟ୍ରିକ ପରୀକ୍ଷାରେ ୪୮୦ ନମ୍ବର ରଖିଥିବାରୁ କିପରି ଉତ୍ତମ ଛାତ୍ରହୋଇ କଲେଜ ନାମ ରଖିପାରିବି ସେଥିପାଇଁ ଅଧାପକମାନେ ମୋତେ ପରାମର୍ଶ ଦେଇଛନ୍ତି। କଲେଜ ଡ୍ରେସ କୋଡ ଅନୁସାରେ ନୂତନ ଡ୍ରେସ୍ ପିନ୍ଧି କଲେଜ ଯାଇଥିଲି। ସହପାଠୀଙ୍କ ସହ ମିଶିବା ସହ ପରିଚୟ ଆଦାନପ୍ରଦାନ କରିଥିଲି। ପ୍ରଥମ ଦିନର ଅନୁଭୂତି ବହୁତ ଆନନ୍ଦ ଦେଇଛି।



**–ଆଶିଷ ସେଠୀ(ବିଜ୍ଞାନ ଛାତ୍ର)**

“ବଜ୍ରଗିରି କଲେଜଟି ଜଙ୍ଗଲ ଘେରା ମଧରେ ହୋଇଥିବାରୁ ଏକ ସ୍ୱତନ୍ତ୍ର ପରିବେଶ ସୃଷ୍ଟି କରିଛି। ମାଟ୍ରିକ୍ ପରୀକ୍ଷାର ବହୁଦିନପରେ ପୁରୁଣା ଓ ନୂଆ ସହପାଠୀଙ୍କୁ ଦେଖି ଆନନ୍ଦିତ ହୋଇଥିଲି। କଲେଜର ପାଠପଢିବା ଜୀବନର ପ୍ରଥମ ଦିନର ଅନୁଭୂତି ବେଶ ରୋମାଞ୍ଚକର ଥିଲା। ମୁଁ କ୍ଲାସରେ ସର୍ବାଧିକ ୪୮୭ ନମ୍ବର ରଖିଥିବା ସାର ଘୋଷଣା କରି ସହପାଠୀମାନଙ୍କ ସହ ପରିଚିତ କରାଇଥିଲେ। ପରେ ସହପାଠୀଙ୍କ ଗହଣରେ ଲାଇବ୍ରେରୀ ଯାଇ ରୁଟିନ୍ ଆଣିଲି। ଆଜିର ଦିନ ମୋ ପାଇଁ ନିଆରା ଥିଲା।



**– କାମିନୀ ଜେନା( କଳା ଛାତ୍ରୀ)**

“ଧର୍ମଶାଳା ମହିଳା ମହାବିଦ୍ୟାଳୟ ୪ଟି ବ୍ଲକରେ ଏକମାତ୍ର ମହିଳା କଲେଜ । ମୁଁ ମାଟ୍ରିକ ପରୀକ୍ଷାରେ ୪୬୬ ମାର୍କ ରଖି ପାସ୍ କରିଛି। ମୁଁ ଜଣେ ଛାତ୍ରୀ ହୋଇଥିବାରୁ, ୧୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱ ଓ ଦେଉଳି ପାହାଡ ପାଦ ଦେଶରେ ସ୍ଥାପିତ ମହିଳା କଲେଜରେ ନାମ ଲେଖାଇଛି। ପ୍ରଥମ ଦିନରେ କଲେଜ ଆସି ସହପାଠୀଙ୍କ ସହିତ କ୍ଲାସ କରି ପରିଚିତ ହୋଇଥିଲି। ମନ ଲଗାଇ ପାଠପଢିବାକୁ ଅଧକ୍ଷା ଓ ଅଧାପିକା ପରାମର୍ଶ ଦେଇଥିଲେ। କଲେଜରେ ସାହପାଠିନୀଙ୍କ ସହ ମିଶିବା ବହୁତ ଆନନ୍ଦ ଦେଇଛି।



**–ପୂର୍ଣ୍ଣିମା ବେହେରା (କଳାଛାତ୍ରୀ)**

“ଜେନାପୁର କଲେଜଟି ବ୍ରାହ୍ମଣୀ କୂଳରେ ସ୍ଥାପିତ ହୋଇଥିବାରୁ ପରିବେଶ ମନମୁଗ୍ଧକର। ପ୍ରଥମ ଦିନରେ ଅଧାପକ କ୍ଲାସ କରିବା ସହ ଆମ୍ଭମାନଙ୍କର ପରିଚୟ ନେବାପରେ ଅଧକ୍ଷ ଓ ଅଧାପକମାନେ ଆସି ପ୍ରତ୍ୟକଦିନ କଲେଜ ଆସି କ୍ଲାସ କରିବା ସହ ଉତ୍ତମ ଛାତ୍ରୀଛାତ୍ର ହେବାକୁ ପରାମର୍ଶ ଦେଇଥିଲେ। ପରେ କଲେଜର ବିଭିନ୍ନ କ୍ଲାସ ବୁଲି ଦେଖିଥିଲି। ବହୁଦିନ ପରେ ପୁରୁଣା ଓ ନୂଆ ସହ ପାଠୀମାନଙ୍କ ସହ ମିଶିବା ବହୁତ ଆନନ୍ଦ ଦେଉଥିଲା।



**–ପଦ୍ମିନୀ କବି (କଳା ଛାତ୍ରୀ)**

“ଜାତୀୟ ରାଜପଥ ୫୩ ନମ୍ବର ପାର୍ଶ୍ୱ ଏକ ପାହାଡ ପାଦଦେଶରେ ଜଗନ୍ନାଥ ଜୀଉ କଲେଜ ଅବସ୍ଥିତ। ଏହାର ପରିବେଶ ମତେ ମନମୁଗ୍ଧ କରିଥିଲା। ପ୍ରଥମ ଦିନରେ ଅଧାପକମାନେ କ୍ଲାସ କରିଥିଲେ। ପାଠପଢାଇବା ସହ ଆମ୍ଭମାନଙ୍କୁ ଅଧକ୍ଷ ଓ ଅଧାପିକା, ଅଧାପକ ଓ ବଡ ଭାଇଭୋଉଣୀ ସ୍ୱାଗତ ଜଣାଇଥିଲେ। ଲାଇବ୍ରେରୀ ଯାଇ ରୁଟିନ୍ ଆଣିବା ପରେ ସହପାଠୀଙ୍କ ସହ ମିଶି ଆଳାପ କରିଥିଲି।



**– ସମାପିକା ଶତପଥୀ(ବିଜ୍ଞାନଛାତ୍ରୀ)**

“ଏକ ଛୋଟ ପାହାଡ ପାଦ ଦେଶରେ ଜଗନ୍ନାଥଜୀଉ କଲେଜ ଅବସ୍ଥାପିତ। ପ୍ରଥମ ଦିନରେ ବର୍ଷା ଯୋଗୁ କମ୍ ଛାତ୍ରୀଛାତ୍ର ପାଠ ପଢିବାକୁ ଆସିଥିଲେ। ଅଧକ୍ଷ ଓ ଅଧାପକମାନେ ଆମ୍ଭମାନଙ୍କୁ ବିଭିନ୍ନ ଉପାଦେୟ କଥା କହିଥିଲେ। ମୁଁ ମୋର ସହପାଠୀଙ୍କ ସହ ପରିଚିତ ହେବା ସହ ସେମାନେ ମୋ ସହିତ ପରିଚିତ ହୋଇଥିଲେ। ପ୍ରଥମ ଦିନରେ ଅନୁଭୂତି ନିଆରାଥିଲା।



**–ରାଇମଣି ଚମ୍ପିଆ (କଳା ଛାତ୍ର)**

“ଶସ୍ୟଶ୍ୟାମଳା ଧାନ କ୍ଷେତ୍ର ମଧ୍ୟରେ ମୁକୁନ୍ଦପାତ୍ର ମହାବିଦ୍ୟାଳୟ ଅବସ୍ଥିତ। ପ୍ରଥମ ଦିନରେ ଅଧାପକମାନେ ପାଠ ପଢାଇଥିଲେ। ପ୍ରଥମରୁ ଆମ୍ଭ ସହିତ ପରିଚୟ ଆରମ୍ଭ ହୋଇଥିଲା। ପରେ ମୋର ସହପାଠୀମାନଙ୍କ ସହିତ କଲେଜ ପରିବେଶ ବୁଲିବା ସହ ବିଭିନ୍ନ କ୍ଲାସ ରୁମ୍ ବୁଲି ଦେଖିଥିଲି। ଲାଇବ୍ରେରି ଯାଇ ରୁଟିନ୍ ଆଣିଥିଲି। ବର୍ଷା ସତ୍ତ୍ୱେ କଲେଜ ଆସି ପ୍ରଥମ ଦିନର ଅନୁଭୂତି ନିଆରା ଥିଲା।



**–କ୍ଷଣପ୍ରଭା ବାରିକ (କଳା ଛାତ୍ରୀ)**

“କୁମୁନ୍ଦପାତ୍ର ଯୁକ୍ତ ୨ କଲେଜ ନିକଟରେ ଯୁକ୍ତ ୩ କଲେଜ ଅବସ୍ଥିତ। ଶହଶହ ଛାତ୍ରୀଛାତ୍ରଙ୍କ ଗହଣରେ କଲେଜ ଯିବା ମନରେ ଟିକେ ଭୟ ଲାଗୁଥିଲା। ମାତ୍ର କଲେଜରେ ଅଧକ୍ଷ, ଅଧାପିକା,ଅଧାପକ ଓ ସହପାଠୀଙ୍କ ଶହ ମିଶିବା ପରେ ମୋତେ ବହୁତ ଆନନ୍ଦ ଲାଗିଥିଲା। ମୁଁ ୪୭୨ ନମ୍ବର ରଖି କଲେଜରେ ନାମ ଲେଖାଇଥିବାରୁ ଅନ୍ୟ ସହପାଠୀମାନେ ଟେବୁଲ ବାଡେଇ ସ୍ୱାଗତ ଜଣାଇଥିଲେ। ଏହା ମୋତେ ବହୁତ ଆନନ୍ଦ ଦେଇଥିଲା।



**–ସୌମ୍ୟ ରଞ୍ଜନ ରାଉତ(ବିଜ୍ଞାନ ଛାତ୍ର)**



ସହାନୁଭୂତି ପୂର୍ଣ୍ଣ ସାହାଯ୍ୟ କିମ୍ବା ଉପକାର ଯେତେ ଅଳ୍ପହେଲେ ମଧ କେବେହେଲେ ବ୍ୟର୍ଥ ହୁଏ ନାହିଁ।
- ଈଶ୍ୱରଚନ୍ଦ୍ର ବିଦ୍ୟାସାଗର

## ସଂକ୍ଷେପରେ

### ପୁଣି ଭକ୍ତଙ୍କୁ ମିଳିବ ଟଙ୍କତୋରାଣି

**ପୁରୀ ଅଫିସ, ୨୯।୭:** ପୁଣି ଭକ୍ତଙ୍କୁ ମିଳିବ ଟଙ୍କତୋରାଣି। ପ୍ରାୟ ୨ବର୍ଷ ଧରି ଆନନ୍ଦବଜାରରୁ ଉଭାନ ହୋଇଯାଇଥିବା ଟଙ୍କତୋରାଣି ଉପଯୁକ୍ତ ମାନ ସହ ଫେରିବ। ସୋମବାର ଅନୁଷ୍ଠିତ ପରିଚାଳନା କମିଟି ବୈଠକରେ ଏହାକୁ ସବୁଜ ସଙ୍କେତ ମିଳିଛି। ଏଥିପାଇଁ ଖୁବ୍‌ଶୀଘ୍ର ସୁଆର ମହାସୁଆର ନିଯୋଗ ସହ ଶ୍ରୀମନ୍ଦିର ପ୍ରଶାସନ ସ୍ୱତନ୍ତ୍ର ଭାବେ ବୈଠକ କରିବ। ଏଥିରେ ଟଙ୍କତୋରାଣିର ମାନ ଓ ସ୍ଥାନ ସମ୍ପର୍କରେ ଆଲୋଚନା କରାଯାଇ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ। ପୂର୍ବ ବୈଠକରେ ସଦସ୍ୟ ଅନନ୍ତ ତିଆଡ଼ି ଟଙ୍କତୋରାଣି ପୁନଃ ଚାଲୁ ପାଇଁ ପ୍ରସ୍ତାବ ଆଗତ କରିଥିଲେ। ସୋମବାର ବୈଠକରେ ତିଆଡ଼ି ଏହି ପ୍ରସଙ୍ଗ ଉଠାଇବା ପରେ ଆଲୋଚନା କରାଯାଇ ଦୃଢ଼ୀକରଣ କରାଯାଇଛି। ତେବେ ଏହାକୁ ଚାଲୁ କରିବାକୁ ହେଲେ କେତେକ ନିର୍ଦ୍ଦିଷ୍ଟ ସର୍ତ୍ତ ରଖାଯାଇଛି। କୌଣସି ପରିସ୍ଥିତିରେ ଏହାର ମାନରେ ସାଲିସ୍ କରାଯିବ ନାହିଁ। କେବେ ବି ବାସି ଟଙ୍କତୋରାଣି ଶ୍ରଦ୍ଧାଳୁଙ୍କ ଦିଆଯିବ ନାହିଁ। ଆନନ୍ଦ ବଜାରର କେଉଁ ସ୍ଥାନରେ ଏହା ବିକ୍ରି କରାଯିବ ତାହା ସୁଆର ମହାସୁଆର ନିଯୋଗ ସହ ଆଲୋଚନା କରାଯାଇ ଚୂଡ଼ାନ୍ତ ହେବ। ଦୀର୍ଘବର୍ଷ ହେବ ଆନନ୍ଦବଜାରରେ ଟଙ୍କତୋରାଣି ବିକ୍ରି କରାଯାଉଥିଲା। ମାତ୍ର ବେଳେ ବେଳେ ବାସି ଟଙ୍କତୋରାଣି ବିକ୍ରି ହେବା ଏବଂ ଏହାର ମାନ ଠିକ୍ ନ ରହିବା ନେଇ ଅଭିଯୋଗ ହେବା ପରେ ୨୦୧୭ ସେପ୍ଟେମ୍ବର ୮ରେ ଶ୍ରୀମନ୍ଦିର ପ୍ରଶାସନ ଏହାର ବିକ୍ରିକୁ ବନ୍ଦ କରିଦେଇଥିଲା। ଏଥିପାଇଁ ସ୍ୱତନ୍ତ୍ର ଭବେ ବିଜ୍ଞପ୍ତି ଜାରି ପରେ ଏହାକୁ ଟଙ୍କତୋରାଣି ବ୍ୟବସାୟୀ ବିରୋଧ କରିଥିଲେ। ଏହା ଭକ୍ତଙ୍କ ଭାବାବେଗ ସହ ଜଡ଼ିତ ଥିବାବେଳେ କେଉଁ ଆଧାରରେ ଶ୍ରୀମନ୍ଦିର ପ୍ରଶାସନ ବନ୍ଦ ନିଷ୍ପତ୍ତି ନେଇଛି ବୋଲି ସେମାନେ ପ୍ରଶ୍ନ ଉଠାଇଥିଲେ।

### ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ

**ଖଣ୍ଡପଡା, ୨୯।୭(ସ୍ୱ.ପ୍ର.):** ଖଣ୍ଡପଡା ତହସିଲ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ତହସିଲସ୍ତରୀୟ ସ୍ୱାଧୀନତା ଦିବସ ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ତହସିଲଦାର ସଞ୍ଜୟ କୁମାର ସାମନ୍ତରାୟଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ଶିକ୍ଷୟିତ୍ରୀଶିକ୍ଷକ ଓ କମିଟି ସଦସ୍ୟ ଯୋଗ ଦେଇଥିଲେ। ସ୍ଥାନୀୟ ମଧୁବନ ମିନିଷ୍ଟାଡିୟମରେ ସ୍ୱାଧୀନତା ଦିବସ ପାଳନ ନେଇ ଆଲୋଚନା କରାଯାଇଥିଲା। ଭୋର ୫ଟାରେ ଡାକବାଜି ଯନ୍ତ୍ର ଯୋଗେ ରାମଧୂନ ପରିବେଷଣ ସହ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ପ୍ରଭାତଫେରି ପରେ ସମ୍ମିଳିତ ପରେଡ ଅନୁଷ୍ଠିତ ହେବ। ଛାତ୍ରୀଛାତ୍ରଙ୍କ ମଧରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ସ୍ୱାଧୀନତା ଦିବସ ପାଳନ ନିମନ୍ତେ ପ୍ରଶାସନ ପକ୍ଷରୁ ସହଯୋଗ କାମନା କରାଯାଇଥିଲା। ବୈଠକରେ ଅଗ୍ନିଶମ ଅଧିକାରୀ, ଆଇନଜୀବୀ ଗିରିଜା ଶଙ୍କର ତରାସିଆ, ଅଧାପକ ଅଜିତ କୁମାର ବସନ୍ତରାୟ, ନାଟ୍ୟ ନିର୍ଦ୍ଦେଶକ ରାମଚନ୍ଦ୍ର ଦାଶ, ବିଶିଷ୍ଟ କ୍ରୀଡାବିତ୍ ଭିକାରୀ ଖଣ୍ଡାୟତ, ସରକାରୀ ଓକିଲ ହରିଶ୍ଚନ୍ଦ୍ର ପ୍ରଧାନ, ଖଣ୍ଡପଡା ଆଞ୍ଚଳିକ ସାମ୍ବାଦିକ ସଂଘ ସଭାପତି ବିନାୟକ ମିଶ୍ର ପ୍ରମୁଖ ଉପସ୍ଥିତ ରହିଥିଲେ। ବିଧାୟକ ସୌମ୍ୟ ରଞ୍ଜନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

# କାଠ କୋଇଲା ପରିବର୍ତ୍ତେ ଗ୍ୟାସ ଫର୍ନେସ ବ୍ୟବହାର ଉପରେ ଗୁରୁତ୍ୱ

**ଖଣ୍ଡପଡ଼ା, ୨୯।୭(ସ୍ୱ.ପ୍ର.)**

କଂସା ପିତଳ କାରିଗରମାନଙ୍କ ୨ଦିନିଆ ତାଲିମ ଶିବିର ରବିବାର ଉଦ୍‌ଯାପିତ ହୋଇଯାଇଛି। ଖଣ୍ଡପଡା ବ୍ଲକ ଅନ୍ତର୍ଗତ କଣ୍ଟିଲୋ ଗ୍ରାମ ଏକଦା କଂସା ପିତଳ ବାସନ ଶିଳ୍ପ ପାଇଁ ରାଜ୍ୟ ତଥା ବାହାରେ ପ୍ରସିଦ୍ଧି ଲାଭ କରିଥିଲା । ମାତ୍ର ଏହି ସାମଗ୍ରୀ ନିର୍ମାଣ ପାଇଁ ଆବଶ୍ୟକ ହେଉଥିବା କଞ୍ଚାମାଲ ପର୍ଯ୍ୟାପ୍ତ ପରିମାଣରେ ମିଳୁ ନ ଥିବାବେଳେ ପୁରାତନ ପଦ୍ଧତିରେ କାଠକୋଇଲା ବ୍ୟବହାର କରି ଧାତୁ ତରଳାଇବା କାର୍ଯ୍ୟ କରି କାରିଗରମାନେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଥିଲେ। ଏହାଛଡା କଂସା ପିତଳ କାରିଗରଙ୍କ ପରିବାରର ନୂତନ ପିଢି ଏତେ ପରିଶ୍ରମ କରି ଏହି ପ୍ରଣାଳୀରେ କାର୍ଯ୍ୟ କରି କୂଳ ବେଉସାକୁ ବଞ୍ଚାଇ ରଖିବା ପାଇଁ ଆଗ୍ରହ ପ୍ରକାଶ କରୁ ନାହାନ୍ତି । ଫଳରେ ପାରମ୍ପରିକ କଂସାପିତଳ ବାସନ ଶିଳ୍ପ ଲୋପ ପାଇବାକୁ ବସିଲାଣି। ଏପରିସ୍ଥଳେ କେନ୍ଦ୍ର ସରକାର ଏହାର ନିରାକରଣ ତଥା ପୁରାତନ ହସ୍ତଶିଳ୍ପକୁ ଉଜ୍ଜୀବିତ ରଖିବା ସହ କାରିଗରମାନଙ୍କ ସୁରକ୍ଷା ପାଇଁ ଏକ ନୂତନ ଯୋଜନା ପ୍ରସ୍ତୁତ କରିଛନ୍ତି।





ଶିବିରରେ ମଞ୍ଚାସୀନ ଜଣେ ଅତିଥି ବକ୍ତବ୍ୟ ପ୍ରଦାନ କରୁଛନ୍ତି।

## କଂସା ପିତଳ କାରିଗରମାନଙ୍କ ୨ଦିନିଆ ତାଲିମ ଶିବିର ଉଦ୍‌ଯାପିତ

କାଠ କୋଇଲା ପରିବର୍ତ୍ତେ ଗ୍ୟାସ କିମ୍ବା ଡ଼ିଜେଲ ଫର୍ନେସ ବ୍ୟବହାର କରିବା ଉପରେ ଗୁରୁତ୍ୱ ଦେଇ କଣ୍ଟିଲୋ ବାପୁଜୀ ଶିଳ୍ପ ସମବାୟ ସମିତି ପରିସରରେ ୨ ଦିନିଆ ତାଲିମ ଶିବିର ବାଲେଶ୍ୱରର ଅଗ୍ରଣୀ ସାମାଜିକ ସଂଗଠନ ବସ୍ତି ଏରିଆ ଡେଭଲପ୍‌ମେଣ୍ଟ (ବିଏଡ଼ିସି) ଦ୍ୱାରା ଅନୁଷ୍ଠିତ ହୋଇଯାଇଛ। ଶିବିରରେ କଣ୍ଟିଲୋ ଅଞ୍ଚଳର ୫୦ଜଣ କୁଶଳୀ କାରିଗରମାନଙ୍କୁ ନୂତନ ଜ୍ଞାନକୌଶଳରେ ପ୍ରସ୍ତୁତ ଏହି ଗ୍ୟାସ ଫର୍ନେସ (ଭାଟି) ମାଧ୍ୟମରେ କାର୍ଯ୍ୟ ସମ୍ପାଦନ କରିବାକୁ ତାଲିମ ପ୍ରଦାନ କରାଯାଇଥିଲା । ଉଦ୍‌ଯାପନୀ ଦିବସରେ ନିଖିଳ ଉତ୍କଳ କଂସାରୀ ସମାଜ ଓଡିଶାର କାର୍ଯ୍ୟକାରୀ ସଭାପତି ଅଖିଳ କୁମାର ମହାରଣା ମୁଖ୍ୟଅତିଥି ଭାବେ ଯୋଗଦେଇ ପୁରାତନ ପଦ୍ଧତିରେ ପ୍ରସ୍ତୁତ ହେଉଥିବା ଏହି ପାରମ୍ପରିକ ହସ୍ତଶିଳ୍ପର ବିକାଶ ତଥା କାରିଗରମାନଙ୍କ ସୁରକ୍ଷା ପାଇଁ ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରିଥିଲେ । ବିଏଡିସିର ସମ୍ପାଦକ ଗୋପାଳକୃଷ୍ଣ କର କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ କାରିଗରମାନଙ୍କ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ। ମାଷ୍ଟର କ୍ରାଫ୍ଟମ୍ୟାନ ପବିତ୍ର କୁମାର ମହାରଣା ବୈଜ୍ଞାନିକ ପଦ୍ଧତିରେ ପ୍ରସ୍ତୁତ ଫର୍ନେସ ମାଧ୍ୟମରେ କଞ୍ଚାମାଲ ତରଳାଇବା, ନୂତନ ଯନ୍ତ୍ରପାତି ବ୍ୟବହାର କରିବା ଉପରେ ଡ଼େମୋ ପ୍ରଦର୍ଶନ କରିବା ସହ ଏହାର ଉପଯୋଗିତା ସମ୍ପର୍କରେ ବର୍ଣ୍ଣନା କରିଥିଲେ । ଏହାଛଡା ବୈଜ୍ଞାନିକ ପଦ୍ଧତି, ଡ଼ିଜାଇନ ଓ ନୂତନ ପ୍ରଣାଳୀରେ କିପରି କଂସା ଓ ପିତ୍ତଳ ସାମଗ୍ରୀ ତିଆରି କରାଯାଇପାରିବ ସେ ଉପରେ ତାଲିମ ପ୍ରଦାନ କରିଥିଲେ । ବରିଷ୍ଠ କାରିଗର ବ୍ରଜବନ୍ଧୁ ମହାରଣା, ଅଖିଳ କୁମାର ସାହୁ ଓ ବାଇଧର ସାହୁ କଂସା ପିତଳ କାରିଗରମାନଙ୍କ ସମସ୍ୟା ଅବଗତ କରିଥିଲେ। ବିଏଡିସିର କର୍ମଚାରୀ ଭାଗବତ ପ୍ରଧାନ ଓ ବସନ୍ତ କୁମାର ମହାରଣା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ବିଏଡ଼ିସିର ସଭାପତି ରାଜଲକ୍ଷ୍ମୀ ଦାସ ଧନ୍ୟବାଦ ଦେଇଥିଲେ ।

## ସହାୟତା ମିଳୁନି ଜିଲାପାଳଙ୍କୁ ଗୁହାରି ଜଣାଇଲେ ମତ୍ସ୍ୟଜୀବୀ

**ପୁରୀ ଅଫିସ, ୨୯।୭**

ବାତ୍ୟାରେ ସେମାନଙ୍କ ଘର ଭାଙ୍ଗିଯିବା ସହ ପେଟ ପୋଷିବାର ମାଧ୍ୟମ ଡଙ୍ଗା, ଜାଲ ଆଦି ସବୁକିଛି ନଷ୍ଟ ହୋଇଗଲା। ସେବେଠାରୁ ପରିବାର ପ୍ରତିପୋଷଣ କରିବା ସେମାନଙ୍କ ପାଇଁ କଷ୍ଟକର ହୋଇପଡ଼ିଛି। ହେଲେ ସେମାନଙ୍କ ତହସିଲକୁ ହଳଦିଆ ବାତ୍ୟା ସଙ୍କେତ ମିଳିଥିବାରୁ କୌଣସି ସରକାରୀ କିମ୍ବା ବେସରକାରୀ ସହାୟତା ସେମାନେ ପାଇନାହାନ୍ତି। ତେଣୁ ସୋମବାର ଜିଲାପାଳଙ୍କୁ କୃଷ୍ଣପ୍ରସାଦ ବ୍ଲକ ଚିଲିକା ନୂଆପଡ଼ା ପଞ୍ଚାୟତ ଅଧୀନ ନୂଆପଡ଼ା ଗ୍ରାମ ପାଟଣାସାହି (କେଉଟସାହି)ର ମତ୍ସ୍ୟଜୀବୀମାନେ ଗୁହାରି ଜଣାଇଛନ୍ତି। ସେମାନେ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ଦେଇଛନ୍ତି। ଗ୍ରାମର ୩୫୦ ମତ୍ସ୍ୟଜୀବୀ ଚିଲିକା କୂଳରେ ବସବାସ କରୁଛନ୍ତି। ଫନୀ ବାତ୍ୟାରେ ସେମାନଙ୍କ ଡଙ୍ଗା, ଜାଲ ଆଦି ନଷ୍ଟ ହୋଇଯାଇଛି। ମାତ୍ର କୌଣସି ସଂସ୍ଥା ସେମାନଙ୍କୁ ସହଯୋଗର ହାତ ବଢାଇ ନାହାନ୍ତି। କୃଷ୍ଣପ୍ରସାଦ ବ୍ଲକକୁ ହଳଦିଆ ବାତ୍ୟା ସଙ୍କେତ ମିଳିଥିବାରୁ ଏ ପର୍ଯ୍ୟନ୍ତ କୌଣସି ସହାୟତା ସେମାନଙ୍କୁ ଦିଆଯାଇନାହିଁ। ତେଣୁ ତାଙ୍କ ସାହିକୁ ନାଲି ବାତ୍ୟା ସଙ୍କେତ ଅନ୍ତର୍ଭୁକ୍ତ କରିବା ଲାଗି ମତ୍ସ୍ୟଜୀବୀମାନେ ଜିଲାପାଳଙ୍କୁ ନିବେଦନ ଜଣାଇଛନ୍ତି ।

# ଲଡୁବାବାଙ୍କ ପୀଠରେ ଜଳଲାଗି କଲେ ୮ ହଜାର କାଉଡ଼ିଆ



ଲଡୁବାବାଙ୍କ ପୀଠରେ ଜଳଲାଗି ପାଇଁ କାଉଡ଼ିଆମାନେ ଧାଡ଼ିରେ ଛିଡ଼ା ହୋଇଛନ୍ତି।

**ନୟାଗଡ଼ ଅଫିସ, ୨୯।୭**

ଶ୍ରାବଣ ମାସର ଦ୍ୱିତୀୟ ସୋମବାରରେ ଓଡ଼ିଶାର ପ୍ରସିଦ୍ଧ ଅନ୍ୟତମ ଶୈବପୀଠ ଶରଣକୁଳ ଲଡୁବାବାଙ୍କ ପୀଠରେ ୮,୧୨୦ କାଉଡିଆ ଜଳ ଲାଗି କରିଛନ୍ତି। ମନସ୍କାମନା ପୂରଣ ପାଇଁ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ କାଉଡିଆମାନେ ଜଳଲାଗି କରିବା ପାଇଁ ଲଡୁବାବାଙ୍କ ପୀଠକୁ ଆସିଥିଲେ। ସେମାନେ କିପରି ସୁରୁଖୁରୁରେ ଜଳଲାଗି କରିବେ ସେଥିପାଇଁ ମନ୍ଦିର ସେବାୟତ ଏବଂ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା। କାଉଡିଆମାନେ ସୁବିଧାରେ ଜଳ ଢାଳିବା ପାଇଁ ମନ୍ଦିର ବାହାରେ ଓ ଭିତରେ ବ୍ୟାରିକେଡ୍‌ର ବ୍ୟବସ୍ଥା କରାଯାଇଥିଲା। ସମସ୍ତ କାଉଡିଆ ଶାନ୍ତି ଶୃଙ୍ଖଳା ରକ୍ଷା କରି ଜଳଲାଗି କରିବା ପାଇଁ ଲମ୍ବା ଲାଇନ୍‌ରେ ଠିଆ ହୋଇଥିବା ଦେଖିବାକୁ ମିଳିଥିଲା।

## କ୍ୟାମ୍ପକୋର୍ଟକୁ ଆସି ଫେରିଗଲେ ଜିଲା ଦୌରାଜଜ୍

**ଦଶପଲ୍ଲା, ୨୯।୭(ଡି.ଏନ.ଏ.)**

ଜିଲାର ସର୍ବପୁରାତନ ଦଶପଲ୍ଲା ସବ୍‌ଜେଲ୍‌ରୁ ବନ୍ଦୀମାନଙ୍କୁ ନୟାଗଡ ସବ୍‌ଜେଲକୁ ଉଠାଇ ନେବା ଆଦେଶକୁ ବାତିଲ କରିବା ଦାବିରେ ଦଶପଲ୍ଲାର ଆଇନଜୀବୀମାନଙ୍କ ପକ୍ଷରୁ ଗତ ଜୁଲାଇ ୬ ତାରିଖଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରହିଛି। ଏହାକୁ ବିରୋଧ କରି ସମସ୍ତ ଓକିଲ କାର୍ଯ୍ୟବନ୍ଦ କରିଛନ୍ତି। ସୋମବାର ଆଇନଜୀବୀମାନେ କୋର୍ଟର ମୁଖ୍ୟ ଫାଟକ ଠାରେ ସମବେତ ହୋଇ ପିକେଟିଂ କରିଥିଲେ। ସୋମବାରଠାରୁ ୩ ଦିନ ପାଇଁ ଜିଲା ଦୌରାଜଜ୍‌ଙ୍କ ଦଶପଲ୍ଲା କୋର୍ଟରେ କ୍ୟାମ୍ପକୋର୍ଟ ଅନୁଷ୍ଠିତ ହେବାର ଥିଲା। ସେଥିପାଇଁ ଜିଲା ଦୌରାଜଜ୍ ଓ ସ୍ଥାନୀୟ ପ୍ରଥମ ଶ୍ରେଣୀ ମାଜିଷ୍ଟ୍ରେଟ ଆସିଥିବା ବେଳେ ଓକିଲମାନେ ସେମାନଙ୍କୁ ଛାଡି ନଥିଲେ। ଫଳରେ ସେମାନେ ଫେରି ଯାଇଥିବା ଜଣାପଡିଛି।

## ରୋଟାରୀ କ୍ଲବର ୩୦ତମ ଅଧିଷ୍ଠାନ ଦିବସ

# ସେବା ମନୋଭାବ ରୋଟାରିଆନ୍‌ଙ୍କ ପରିଚୟ ହେଉ

**ନୟାଗଡ଼ ଅଫିସ, ୨୯।୭**

ଭ୍ରାତୃତ୍ୱ, ବନ୍ଧୁତ୍ୱ, ଭାଇଚାରା ଏବଂ ନିଃସ୍ୱାର୍ଥପର ସେବା ରୋଟାରିଆନ୍‌ମାନଙ୍କ ନିଜସ୍ୱ ପରିଚୟ ହେଉ। ସମାଜରେ ଅନ୍ୟସବୁ କିଛି କାର୍ଯ୍ୟ ପାଇଁ ଲୋକେ ଆଗ୍ରହ ଦେଖାଉଥିବା ବେଳେ ସ୍ୱତଃପ୍ରବୃତ୍ତ ଭାବେ ସେବା କରିବାର ମାନସିକତାଠାରୁ ଆଜିର ଯୁବପିଢ଼ି ଦୂରେଇ ଯାଉଛନ୍ତି। ତେଣୁ ପ୍ରତ୍ୟେକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଅତିକମ୍‌ରେ ୧୦ ଜଣ ସ୍ୱେଚ୍ଛାସେବୀଙ୍କୁ ସୃଷ୍ଟି କରିବା ପାଇଁ ଯତ୍ନବାନ ହେବା ଦରକାର ବୋଲି ସ୍ଥାନୀୟ ବିଧାୟକ ତଥା କୃଷି ଓ କୃଷକ ସଶକ୍ତୀକରଣ, ମତ୍ସ୍ୟ, ପଶୁସମ୍ପଦ ଏବଂ ଉଚ୍ଚ ଶିକ୍ଷାମନ୍ତ୍ରୀ ଡ. ଅରୁଣ କୁମାର ସାହୁ ମତବ୍ୟକ୍ତ କରିଛନ୍ତି। ଆଇନଜୀବୀ ରଣଜିତ୍ ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ୩୦ତମ ରୋଟାରୀ ଅଧିଷ୍ଠାନ ଦିବସରେ ମୁଖ୍ୟ ଅତିଥିଭାବେ ମନ୍ତ୍ରୀ ସାହୁ ଯୋଗଦେଇ ଉପରୋକ୍ତ ବକ୍ତବ୍ୟ ରଖିଥିଲେ। ଜିଲାପାଳ ଡା. ଏନ୍. ତିରୁମାଲା ନାୟକ ଯୋଗଦେଇ ରୋଟାରୀ କ୍ଲବର ବିଭିନ୍ନ କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହିତ ଜିଲା ପ୍ରଶାସନର ସହଯୋଗ ସର୍ବଦା ରହିବ ବୋଲି ପ୍ରକାଶ କରିଥିଲେ। ନୂତନ ସଭାପତି ଭାବେ ଇଂ. ମଦନ ମୋହନ ମହାପାତ୍ର ଏବଂ ସମ୍ପାଦକ ଭାବେ ପ୍ରବୀର କୁମାର ପୃଷ୍ଟି ଅଧିଷ୍ଠିତ ହୋଇଥିଲେ। ବିଦାୟୀ ସମ୍ପାଦକ ଲକ୍ଷ୍ମୀନାରାୟଣ ରଥ ବାର୍ଷିକ ବିବରଣୀ ପାଠ କରିଥିଲେ। ଆସିଷ୍ଟାଣ୍ଟ ଗଭର୍ନର ରମେଶ ଚନ୍ଦ୍ର ସାହୁ ନୂତନ କର୍ମକର୍ତ୍ତାମାନଙ୍କୁ ଶପଥ ପାଠ କରାଇଥିଲେ। ମୁଖ୍ୟ ସଂଯୋଜକ ରୋଟାରିଆନ୍ ପ୍ରମୋଦ ପଟ୍ଟନାୟକ ଉତ୍ସବର ଉଦ୍ଦେଶ୍ୟ ଏବଂ ବିଭିନ୍ନ ଜନହିତକର କାର୍ଯ୍ୟକ୍ରମରେ ରୋଟାରୀ କ୍ଲବର ସମ୍ପୃକ୍ତି ବିଷୟରେ ବର୍ଣ୍ଣନା କରିଥିଲେ। ପ୍ରସନ୍ନ କୁମାର ବସନ୍ତିଆ ରୋଟାରୀ ପରିବାର ସଦସ୍ୟଙ୍କ ଶିକ୍ଷାଗତ ସଫଳତା ପାଇଁ ଡାକ୍ତର ପ୍ରିୟମ ପଟ୍ଟନାୟକ, ପ୍ରବୋଧ ବସନ୍ତିଆ, ଆଇଜାକ୍ ଦାସ ଏବଂ ନିବାସା ଜ୍ୟୋତିଙ୍କ ନାମ ଘୋଷଣା କରିବା ପରେ ମନ୍ତ୍ରୀ ସାହୁ ସେମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହା ପରେ କ୍ଲବ ତରଫରୁ ମନ୍ତ୍ରୀ ଏବଂ ଜିଲାପାଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଇନରହ୍ୱିଲ କ୍ଲବର ପ୍ରତିଷ୍ଠାତା ରୋଟାରିଆନ୍ ନିରୁପମା ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।





ମନ୍ତ୍ରୀ ଅରୁଣ ସାହୁ ବକ୍ତବ୍ୟ ପ୍ରଦାନ କରୁଛନ୍ତି।

# ଶତାୟୁ ସ୍ୱାଧୀନତା ସଂଗ୍ରାମୀଙ୍କ ଦ୍ୱାଦଶାହରେ ଶ୍ରଦ୍ଧାଞ୍ଜଳି ସଭା

**ଓଡ଼ଗାଁ, ୨୯।୭(ସ୍ୱ.ପ୍ର.)**

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ଅନ୍ତର୍ଗତ ବଡପୁଟ ଗ୍ରାମର ଶତାୟୁ ସ୍ୱାଧୀନତା ସଂଗ୍ରାମୀ ବୀରଭଦ୍ର ଆଚାରୀଙ୍କ ରବିବାର ଦ୍ୱାଦଶାହରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ନିକଟସ୍ଥ ପଥରାରେ ପ୍ରତିଷ୍ଠିତ ସ୍ୱାମୀ ଦୟାନନ୍ଦ ଚାରିଟେବୁଲ ଟ୍ରଷ୍ଟ ତଥା ବୃଦ୍ଧାଶ୍ରମ ପରିସରରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭା ପ୍ରାରମ୍ଭରେ ବୈଦିକ ପଣ୍ଡିତମାନଙ୍କ ଦ୍ୱାରା ହୋମାଦି ଶାନ୍ତିଯଜ୍ଞ ଅନୁଷ୍ଠିତ ହୋଇଥିଲା। ଜିଲା ଆର୍ଯ୍ୟ ସମାଜ କର୍ମକର୍ତ୍ତା ରଘୁନାଥ ନାୟକ, ପଣ୍ଡିତ କିଶୋର ଚନ୍ଦ୍ର କର, ପଣ୍ଡିତ ପ୍ରେମାନନ୍ଦ ଆଚାର୍ଯ୍ୟ ଯଜ୍ଞକାର୍ଯ୍ୟ ପରିଚାଳନା କରିଥିଲେ। ସ୍ୱର୍ଗତ ଆଚାରୀଙ୍କ ପୁତ୍ର ତଥା ଟ୍ରଷ୍ଟ ପ୍ରତିଷ୍ଠାତା ଶଶିଭୂଷଣ ଆଚାରୀ ଓ ସଦସ୍ୟ ଅରୁଣ କୁମାର ଆଚାରୀ ଆହୁତି ପ୍ରଦାନ କରିଥିଲେ। ନିଖିଳ ଉତ୍କଳ ଶୈବ ପାଞ୍ଚାଳ ବିଶ୍ୱବ୍ରାହ୍ମଣ ସମାଜର ସଭାପତି ଶିବ ଶଙ୍କର ଆଚାରୀ ଅଧ୍ୟକ୍ଷତା କରିଥିଲେ। ଏଥିରେ ନୟାଗଡ଼ ଜିଲା ସମେତ ଗଞ୍ଜାମ, କନ୍ଧମାଳ, କଟକ, ଗଜପତି, ରାୟଗଡା, ଜଗତ୍‌ସିଂହପୁର ଜିଲାରୁ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ରହିଥିଲେ। ପ୍ରଜାମଣ୍ଡଳ ଆନ୍ଦୋଳନ ସମ୍ପର୍କରେ ଅତିଥିମାନେ ଆଲୋକପାତ କରିଥିଲେ ।





ଶ୍ରଦ୍ଧାଞ୍ଜଳି ସଭାରେ ଶାନ୍ତି ଯଜ୍ଞ କରାଯାଉଛି।

## ଜିଲାପାଳଙ୍କ ମିଳିତ ଜନଅଭିଯୋଗ ଶୁଣାଣି

# ୧୮୧ ଅଭିଯୋଗ ପଞ୍ଜୀକୃତ

**ନୂଆଗାଁ, ୨୯।୭ (ଡି.ଏନ.ଏ.)**

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ରାଜୀବ ଗାନ୍ଧୀ ସଭାଗୃହ ମଧ୍ୟରେ ସୋମବାର ଜିଲାପାଳଙ୍କ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଡ. ଏନ୍. ତିରୁମାଲା ନାୟକ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗର ଶୁଣାଣି କରିଥିଲେ। ଶିବିରରେ ମୋଟ ୧୮୧ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ଏଥିମଧ୍ୟରେ ୧୭୫ ବ୍ୟକ୍ତିଗତ ଓ ୬ଟି ସାମୂହିକ ଅଭିଯୋଗ ଥିଲା। ଆବାସ ଯୋଜନା, ରାଶନ କାର୍ଡ ଓ ଭତ୍ତା ଆଦି ବ୍ୟକ୍ତିଗତ ସମସ୍ୟା ନେଇ ଅଭିଯୋଗ ହୋଇଥିଲେ ମଧ ବାହାଡାଖୋଲା ପଞ୍ଚାୟତ ଗୋପପୁର ଗ୍ରାମର ବୃଦ୍ଧ ମହରଗି ଗଉଡଙ୍କ ଗୁହାରି ଅତ୍ୟନ୍ତ ସ୍ପର୍ଶକାତର ଥିଲା। ଶିକ୍ଷକ ଥିବା ତାଙ୍କ ବଡପୁଅ ଅନ୍ୟ ଭାଇଙ୍କ ସହ ମିଶି ତାଙ୍କ ଉପରେ ଅତ୍ୟାଚାର କରୁଥିବା ନେଇ ସେ ଅନେକ ଥର ବାହାଡାଖୋଲା ଫାଣ୍ଡିରେ ଅଭିଯୋଗ କରିଥିଲେ ମଧ୍ୟ ସୁଫଳ ପାଇ ନ ଥିବା କହିଥିଲେ। ଏ ବିଷୟରେ ତଦନ୍ତ କରିବା ପାଇଁ ଜିଲାପାଳ ଉପଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସାମୂହିକ ଅଭିଯୋଗ ମଧ୍ୟରେ ଦୁର୍ଦ୍ଧୁରା ପଞ୍ଚାୟତର ବନମାଳୀପୁର ଅଙ୍ଗନୱାଡି କେନ୍ଦ୍ରରେ ଚାବି ପଡିବା ପ୍ରସଙ୍ଗ ଗୁରୁତ୍ୱପୂର୍ଣ୍ଣ ଥିଲା। ଘଟଣାରେ ଜିଲାପାଳ ହସ୍ତକ୍ଷେପ କରି କୌଣସିମତେ କେନ୍ଦ୍ର ଖୋଲିବା ପାଇଁ ବିଭାଗୀୟ ଅଧିକାରୀ, ପ୍ରଶାସନିକ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହି ଅନୁସାରେ ଜୁନ ୪ ତାରିଖରେ ସିଡିପିଓଙ୍କ ସମେତ ଅନ୍ୟ ଅଧିକାରୀ ପହଞ୍ଚି ଚାବି ପଡିବାର କାରଣ ବୁଝିବା ସହ ଏହାକୁ ଖୋଲିଦେବା ପାଇଁ ଗ୍ରାମବାସୀଙ୍କୁ ଅନୁରୋଧ କରିଥିଲେ। ଗ୍ରାମବାସୀ ଏକତ୍ରିତ ହୋଇ ନିଷ୍ପତ୍ତି ନେବା ପରେ ଚାବି ଖୋଲିଦେବେ ବୋଲି ୱାର୍ଡ ସଭ୍ୟ, ଗ୍ରାମ ସଭାପତି ଓ ଅନ୍ୟମାନେ କହିଥିଲେ। କିନ୍ତୁ ଇତିମଧ୍ୟରେ ଦୁଇମାସ ବିତିଯାଇଥିଲେ ମଧ୍ୟ ଚାବି ନ ଖୋଲିବାରୁ ପିଲାମାନେ ବାରଣ୍ଡାରେ ବସି ପାଠ ପଢୁଥିବା ନେଇ ଅଙ୍ଗନୱାଡି କର୍ମୀ ଜିଲାପାଳଙ୍କୁ ଅଭିଯୋଗ କରିଥିଲେ। ଗ୍ରାମବାସୀ ଚାବି ନ ଖୋଲିଲେ ତହସିଲଦାରଙ୍କ ଉପସ୍ଥିତିରେ ତାଲା ଭାଙ୍ଗି କେନ୍ଦ୍ର ଖୋଲିବା ପାଇଁ ଜିଲାପାଳ ସିଡିପିଓ ଆରତି ତ୍ରିପାଠୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ଜିଲାପାଳ ନାୟକଙ୍କ ସମେତ ଏସ୍‌ପି ଶଶିଭୂଷଣ ଶତପଥୀ ଏବଂ ଜିଲା ଓ ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।





ଶିବିରରେ ଜିଲାପାଳଙ୍କ ସମେତ ଅନ୍ୟ ପଦାଧିକାରୀ।

## ଶିକ୍ଷାବିତ୍ ତ୍ରିଲୋଚନ ଆଚାର୍ଯ୍ୟଙ୍କୁ ଶ୍ରଦ୍ଧାଞ୍ଜଳି

**ବୋଲଗଡ଼, ୨୯।୭(ଡି.ଏନ.ଏ.)**

ବୋଲଗଡ଼ ବ୍ଲକ ପାଟପୁର ଶାସନଠାରେ ଉକ୍ତ ଗ୍ରାମର ବିଶିଷ୍ଟ ଶିକ୍ଷାବିତ୍ ସ୍ୱର୍ଗତ ତ୍ରିଲୋଚନ ଆଚାର୍ଯ୍ୟଙ୍କ ଉଦ୍ଦେଶ୍ୟରେ ଏକ ସ୍ମୃତି ଶ୍ରଦ୍ଧାଞ୍ଜଳି ସଭା ସୋମବାର ଅନୁଷ୍ଠିତ ହୋଇଯାଇଛି । ତାଙ୍କର ଏହି ପ୍ରଥମ ଶ୍ରାଦ୍ଧ ବାର୍ଷିକୀରେ ଛାତ୍ରୀଛାତ୍ର ଅନ୍ୟମାନେ ଫଟୋଚିତ୍ରରେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। କର୍ମଭୂମି ଫାଉଣ୍ଡେଶନ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଅନୁଷ୍ଠାନର ପ୍ରତିଷ୍ଠାତା ମୃତ୍ୟୁଞ୍ଜୟ ଆଚାର୍ଯ୍ୟଙ୍କ ପୌରୋହିତ୍ୟରେ ସାମାଜିକ କର୍ମୀ ସୁଲୋଚନା ଆଚାର୍ଯ୍ୟ କୃତୀ ଛାତ୍ରୀଛାତ୍ରଙ୍କୁ ପଦକ ଓ ମାନପତ୍ର ପ୍ରଦାନ କରିଥିଲେ। ଶିକ୍ଷାବିତ୍ ନାରାୟଣ ମିଶ୍ର, ପ୍ରଫୁଲ୍ଲ ହୋତା, ରୀନାମଣି ଦେବୀ, ତପନ କୁମାର ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

# କମିଶନରଙ୍କ ନିର୍ଦ୍ଦେଶକୁ ଅଣଦେଖା

## ୫ମାସ ପରେ ବି ମିଳିଲାନି ଜମିର ନକ୍ସା

**ନୂଆଗାଁ, ୨୯।୭ (ଡି.ଏନ.ଏ.)**

ନୟାଗଡ଼ ଜିଲା ନୂଆଗାଁ ବ୍ଲକ କାଚପଲ୍ଲୀ ଗ୍ରାମର ଆଦିବାସୀମାନଙ୍କୁ ଯଥାଶୀଘ୍ର ଜଙ୍ଗଲ ଜମିର ନକ୍ସା ପ୍ରଦାନ କରିବା ସହ ସେହି ଜମିକୁ ଚାଷୋପଯୋଗୀ କରାଇବା ପାଇଁ କମିଶନର ନୂଆଗାଁ ତହସିଲଦାର ଓ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଇତିମଧରେ ୫ମାସ ବିତିଯାଇଥିଲେ ମଧ୍ୟ କମିଶନରଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ ହୋଇପାରି ନାହିଁ ।

ନୂଆଗାଁ ବ୍ଲକର ବିଭିନ୍ନ ପଞ୍ଚାୟତବାସୀଙ୍କ ସୁବିଧାଅସୁବିଧା ବୁଝିବା ପାଇଁ ଫେବୃୟାରୀ ୧୪ ତାରିଖରେ ଖାଦ୍ୟ ପ୍ରଶାସନିକ ଅଧିକାରୀ ଏସ.କେ. ଷଡ଼ଙ୍ଗୀ, ବରିଷ୍ଠ ସଚିବ ଏସ୍. ମହାନ୍ତିଙ୍କ ସହ ଖାଦ୍ୟ କମିଶନର ରଙ୍ଗଲାଲ ଜାମୁଡା ନୂଆଗାଁ ଗସ୍ତରେ ଆସିଥିଲେ। କମିଶନର ଜାମୁଡା ନୂଆଗାଁ ପଞ୍ଚାୟତର ଆଦିବାସୀବହୁଳ ଗ୍ରାମ କାଚପଲ୍ଲୀ ଗ୍ରାମବାସୀଙ୍କୁ ଡାକି ବୈଠକ କରାଇବାରେ ଅନେକ ସମସ୍ୟା ଜାଣିବାକୁ ପାଇଥିଲେ। ସରକାରଙ୍କ ନିୟମ ଅନୁସାରେ, ୨୦୦୫ ଡିସେମ୍ବର ମାସ ପୂର୍ବରୁ ଦଖଲ କରିଆସୁଥିବା କାଚପଲ୍ଲୀ ଗ୍ରାମର ୧୫ ଆଦିବାସୀ ପରିବାରକୁ ୩୦ ଏକର (ପ୍ରତି ପରିବାରକୁ ୨ ଏକର ହିସାବରେ) ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରାଯାଇଥିଲା। ପଟ୍ଟା ସହିତ ଜମିର ନକ୍ସା ପ୍ରଦାନ କରିବାର ନିୟମ ଥିଲାବେଳେ ତାହା କରାଯାଇ ନ ଥିଲା। ନକ୍ସା ଦିଆଯାଇ ନ ଥିବା ଜାଣି କମିଶନର କ୍ଷୁବ୍ଧ ହେବା ସହ ଯଥାଶୀଘ୍ର ଏହା ପ୍ରଦାନ କରିବା ପାଇଁ ନୂଆଗାଁ ତହସିଲଦାର ପ୍ରଭାକର ସେଠୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଗରିବ ଆଦିବାସୀଙ୍କ ପାଇଁ ସେହି ଜଙ୍ଗଲ ଜମିକୁ ସାଧାରଣ ନିର୍ବାଚନ ପାଇଁ ଆଚରଣବିଧି ଲାଗୁ ହେବା ପୂର୍ବରୁ ବ୍ୟବହାର ଉପଯୋଗୀ କରାଇବା ଲାଗି ନୂଆଗାଁ ବିଡିଓ ଶିରିୟାଲ ଶୁଭ୍ର ପଟେଲଙ୍କୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ୫ମାସରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ଅଦ୍ୟାବଧି ଜମିର ନକ୍ସା ମିଳିନାହିଁ କି ଏହାକୁ ବ୍ୟବହାର ଉପଯୋଗୀ କରାଯାଇ ନାହିଁ। କେବଳ ଆଦିବାସୀଙ୍କ ମନ ବୁଝାଇବା ପାଇଁ କ'ଣ ସରକାର ପଟ୍ଟା ପ୍ରଦାନ କରିଥିଲେ କି ବୋଲି କହିଛନ୍ତି ଜଙ୍ଗଲ ଜମି ପଟ୍ଟା ପାଇଥିବା ଦାମୋଦର ଡାକୁଆ, ଜୟକୃଷ୍ଣ ଜାନି, ଶ୍ୟାମସୁନ୍ଦର ଜାନି ଓ ଅନ୍ୟମାନେ। ଏ ସମ୍ପର୍କରେ ନୂଆଗାଁ ବିଡିଓ ପଟେଲଙ୍କୁ ପଚାରିବାରୁ ତହସିଲଦାର ନକ୍ସା ଦେଇ ନ ଥିବାରୁ ଆମେ କିଛି କରିପାରି ନାହୁଁ। ଲୋକମାନେ ନକ୍ସା ପାଇବା ପରେ ଆମେ ସେହିଜମିରେ ସେମାନଙ୍କ ପାଇଁ ରୋଜଗାର ବ୍ୟବସ୍ଥା କରିବୁ ବୋଲି କହିଥିଲେ। ନୟାଗଡ଼ ଉପଜିଲାପାଳ ଜିତେନ୍ଦ୍ର କୁମାର ସାହୁ କହନ୍ତି, ଆଉ କିଛିଦିନ ପରେ ରାଜସ୍ୱ ନିରୀକ୍ଷକ ଡିମାର୍କେଶନ କରିବେ ଏବଂ ତା'ପରେ ଆମେ ଲୋକମାନଙ୍କୁ ନକ୍ସା ପ୍ରଦାନ କରିବୁ ବୋଲି କହିଛନ୍ତି ।



ଫେବୃୟାରୀ ୧୪ରେ ଅନୁଷ୍ଠିତ ବୈଠକ (ଫାଇଲ ଫଟୋ)।